# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ମେ ୧୭/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, May 17/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୧୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 172 | ମୂଲ୍ୟ ₹୭/-



## Come Back Stronger in NEET 2025

Aakash
Medical | IIT-JEE | Foundations

NEET (UG) 2020
- AIR 2 AKANKSHA SINGH — 4 Year Classroom

NEET (UG) 2021
- AIR 1 MRINAL KUTTERI — 2 Year Classroom
- AIR 1 TANMAY GUPTA — 2 Year Classroom
- AIR 1 KARTHIKA G NAIR — 2 Year Classroom

NEET (UG) 2022
- AIR 2 VATSA A BATRA — 2 Year Classroom
- AIR 3 HRISHIKESH N GANGULE — 2 Year Classroom

NEET (UG) 2023
- AIR 3 KAUSTAV BAURI — 2 Year Classroom

1 AIR | 10* STUDENTS IN LAST 7 YEARS

67* STUDENTS UNDER TOP 10 AIR IN LAST 7 YEARS

275* STUDENTS UNDER TOP 50 AIR IN LAST 7 YEARS

496* STUDENTS UNDER TOP 100 AIR IN LAST 7 YEARS

*Including Students from Classroom, Digital & DLP Courses across all categories

## Top Performers from ODISHA in NEET (UG) 2023

- AIR 8 — ODISHA TOPPER — 715/720 — Swayam Shakti Tripathy — 2 Year Classroom
- AIR 35 — 710/720 — Surya Pratap Mishra — 2 Year Classroom
- AIR 63 — 710/720 — Abhipsa Chowdhury — 2 Year Classroom

| AIR | Score | Name | Course |
|---|---|---|---|
| 161 | 705/720 | Rashmita Biswal | 2 Year Classroom |
| 244 | 700/720 | Ayush Dash | 2 Year Classroom |
| 356 | 697/720 | Spandan Nayak | 2 Year Classroom |
| 372 | 696/720 | Abhilasa Das | 2 Year Classroom |
| 521 | 695/720 | Saswat Ranjan Pradhan | 2 Year Classroom |
| 644 | 691/720 | Partha Sarathi Rout | 2 Year Classroom |
| 730 | 690/720 | Swayam Dash | 4 Year Classroom |
| 771 | 690/720 | Amrita Sahoo | 1 Year Classroom |

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

and many more...

**iACST** Instant Admission cum Scholarship Test

Get up to 90% Scholarship*

Register now for FREE

visit: iacst.aakash.ac.in or scan the code

*Terms & Conditions apply.

## ADMISSIONS OPEN

**Repeater / Dropper Batches** (XII passed students) for NEET / JEE 2025

**2 Year Integrated Courses** (XI Studying Students) for NEET / JEE 2026

Batches Start from 20th & 30th May, 2024

**NEET 2024** Rank & College Predictor
- Predict your NEET 2024 Rank & College based on your expected score
- Get National & State Specific Counselling Guidance

Scan code to visit NEET 2024 Rank & College Predictor

**06** Branches in Odisha

Call Your Nearest Branch
- Bhubaneswar (Bhoumanagar) 8800852494, 7008005000
- Bhubaneswar (Chandrasekharpur) 8800874104, 7008005000
- Cuttack (Link Road) 8800849243, 7008005000
- Baleswar Branch 8800538720, 7008005000
- Berhampur Branch 8800502470, 7008005000
- Sambalpur Branch 8448693770, 7008005000

SCAN FOR NEAREST BRANCH

CALL (TOLL-FREE): 1800-102-2727 | VISIT: aakash.ac.in | For Franchise Enquiry: Email ID: franchise@aesl.in

Aakash Medical | IIT-JEE | Foundations

## ସଂକ୍ଷେପରେ

### ଅବସରପ୍ରାପ୍ତ ଶିଳ୍ପ ବିକାଶ ଅଧିକାରୀଙ୍କ ପରଲୋକ



ଗିରିଜା କୁମାର ପାଣିଗ୍ରାହୀ।

**ଭଦ୍ରକ,୧୬।୫(ସନାତନ ରାଉତ)**

ଅବସରପ୍ରାପ୍ତ ଶିଳ୍ପ ବିକାଶ ଅଧିକାରୀ ଧାମନଗର ବ୍ଲକ ଅଧୀନ କୋଠାର ପଞ୍ଚାୟତ ଅନ୍ନପୂର୍ଣ୍ଣାନଗର ଗ୍ରାମର ଗିରିଜା କୁମାର ପାଣିଗ୍ରାହୀ(୮୫)ଙ୍କ ବୁଧବାର ପରଲୋକ ହୋଇଛି। ସେ ୧୯୬୪ରେ ଭଦ୍ରକ କଲେଜରୁ ବିଏ ପାସ୍ ପରେ ଶହୀଦନଗର ତଥା ଏଡ଼ତାଳ ହାଇସ୍କୁଲରେ କିଛିଦିନ ଶିକ୍ଷକତା କରିଥିଲେ। ପରେ ଓଡ଼ିଶା ରାଜ୍ୟ ସରକାରଙ୍କ ବ୍ଲକ ଶିଳ୍ପ ସମ୍ପ୍ରସାରଣ ଅଧିକାରୀ ପଦରେ ଯୋଗଦେଇ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ସମ୍ବଲପୁର, କେନ୍ଦୁଝର, କୋରାପୁଟ ଆଦି ବିଭିନ୍ନ ଜିଲା ଓ ବ୍ଲକରେ କାର୍ଯ୍ୟ କରି ୧୯୯୮ରେ ଅବସର ନେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

### କଂଗ୍ରେସ ନେତାଙ୍କ ପରଲୋକ



ଶିଶିର କୁମାର ମହାପାତ୍ର।

**ଭଣ୍ଡାରିପୋଖରୀ,୧୬।୫(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର କଂଗ୍ରେସ ନେତା ଶିଶିର କୁମାର ମହାପାତ୍ର(୮୬)ଙ୍କ ବୁଧବାର ରାତିରେ ଜଗନ୍ନାଥପୁରସ୍ଥିତ ବାସଭବନରେ ପରଲୋକ ହୋଇଛି। ବ୍ଲକରେ ସେ ଜଣେ ଟାଣୁଆ କଂଗ୍ରେସ ନେତା ଭାବେ ପରିଚିତ ଥିଲେ। ସମାଜସେବାରେ ନିଜକୁ ନିୟୋଜିତ କରିବା ସହ ଜଣେ ସଙ୍ଗଠକ ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଯୁବନେତା ନବଜ୍ୟୋତି ପଟ୍ଟନାୟକ, ବିଜେଡିର ସଞ୍ଜୀବ କୁମାର ପରିଡ଼ା, ନାରୀନେତ୍ରୀ ସୁଜାତା ଜେନା, ଭାଜପା ନେତା ସୁଧାଂଶୁ ନାୟକ, ଯାଜପୁରର କଂଗ୍ରେସ ନେତା ସନ୍ତୋଷ ନନ୍ଦ, ବିଭୂତି ମହାପାତ୍ର, ଗୁରୁପ୍ରସାଦ ନନ୍ଦ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ସରପଞ୍ଚ ଅକ୍ଷୟ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ମରଶରୀରକୁ ବାଲିପୋଖରୀ ପଞ୍ଚାୟତ ପରିକ୍ରମା ପରେ ଅନ୍ତିମ ସଂସ୍କାର କରାଯାଇଥିଲା।

### 'କୃଷ୍ଣଚୂଡ଼ାର ହସ' ଆଲୋଚନାଚକ୍ର

**ତିହିଡ଼ି,୧୬।୫(ସଞ୍ଜିତ ବଳ)**

ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚ ପକ୍ଷରୁ 'କୃଷ୍ଣଚୂଡ଼ାର ହସ' ଶୀର୍ଷକ ଗ୍ରୀଷ୍ମ କବିତା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ତିହିଡ଼ିସ୍ଥିତ ଓଡ଼ିଶା ବ୍ରିଗେଡ୍ (ସୈନିକ) ସ୍କୁଲ ପରିସରରେ ଡ. ବିଶ୍ୱରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରାବନ୍ଧିକ ଡ. କୀର୍ତ୍ତନ ବିହାରୀ ଦାସ ଯୋଗଦେଇ କୃଷ୍ଣଚୂଡ଼ାର ହସରେ ପ୍ରେମ ସହ ସମ୍ମୋହନ ଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କବି ଭରତ ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ଯୁବକବି ଅମୂଲ୍ୟ କୁମାର ସେନାପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଗ୍ରୀଷ୍ମକବିତା ପର୍ବରେ କବିମାନେ କବିତା ଆବୃତ୍ତି କରିଥିଲେ। ଯୁବକବି ନିରଞ୍ଜନ ବାରିକ ମଞ୍ଚ ଆହ୍ୱାନ କରିଥିବା ବେଳେ ଆବାହକ ଗାଳ୍ପିକ କୈଳାସ ବେହେରା ସ୍ୱାଗତ ଭାଷଣ ଓ କବି ନୀଳମାଧବ ସେନାପତି ଅତିଥି ପରିଚୟ ଦେଇଥିଲେ। ବେଦପାଠ କରିଥିଲେ କବୟିତ୍ରୀ ବିଶ୍ୱମୈତ୍ରୀ ନାୟକ। ସଂଯୋଜକ କବି ବିସ୍ମୟ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରୋତ୍ସାହନ ଅଭାବରୁ ସଙ୍କଟରେ କୌଳିକ ବୃତ୍ତି

**ବାସୁଦେବପୁର,୧୬।୫(ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲାର ବାସୁଦେବପୁର ବ୍ଲକ ଏକ ଶିଳ୍ପବିହୀନ ଅଞ୍ଚଳ। ଏଠାକାର ଲୋକେ ମୁଖ୍ୟତଃ କୌଳିକ ବୃତ୍ତିକୁ ଆଧାର କରି ଜୀବନ ଜୀବିକା ନିର୍ବାହ କରିବା ସହ ଆର୍ଥିକ ଅଭିବୃଦ୍ଧି କରିଥାନ୍ତି। ମାତ୍ର ସରକାରୀ ପ୍ରୋତ୍ସାହନ ଅଭାବରୁ ଏଠାରେ ରହୁଥିବା କୁମ୍ଭକାରମାନେ ସେମାନଙ୍କ କୌଳିକ ବୃତ୍ତିଠାରୁ ଦୂରେଇ ଯାଉଛନ୍ତି। ଅତ୍ୟାଧୁନିକତାର ଛାପରେ ଗାଁ ଗହଳିରେ ଥିବା କୁମ୍ଭକାରମାନଙ୍କ ବୃତ୍ତି ଆଉ ବଞ୍ଚିପାରୁ ନାହିଁ।

ବ୍ଲକର ବଳିବିନ୍ଧା, ବଂଶୀପାଟଣା, ବାଷଠୀ, ମନ୍ଦାରୀ, ବିନାୟକପୁର, ବିରସ, ଗଦି, ଚୁଡ଼ାମଣି, ବେତଡ଼ା ସମେତ ବିଭିନ୍ନ ଗ୍ରାମ ଓ ପଞ୍ଚାୟତରେ ବହୁ ସଂଖ୍ୟାରେ କୁମ୍ଭକାର (କୁମ୍ଭାର) ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ସେମାନେ ବିଶେଷ ଭାବେ



ଜଣେ କୁମ୍ଭକାର ମାଟି ସାମଗ୍ରୀ ତିଆରି କରୁଛନ୍ତି।

ମାଟିରେ ତିଆରି କଳସ, କୁମ୍ଭ, ପାତ୍ର, ତସଲା, ଗରା, ମାଟି ଘୋଡ଼ା, ମାଟି ହାତୀ, ଆଟିକା ଆଦି ବିଭିନ୍ନ ସାମଗ୍ରୀ ତିଆରି କରନ୍ତି। ବର୍ତ୍ତମାନ ଏସବୁ ସାମଗ୍ରୀର ଆଦର ଓ ଆବଶ୍ୟକତା କମି ଆସୁଥିବା ବେଳେ ସରକାରୀ ସ୍ତରରେ କୌଣସି ପ୍ରୋତ୍ସାହନ ମିଳୁ ନ ଥିବାରୁ କୌଳିକ ବୃତ୍ତି ଏବେ ସଂକଟରେ। ମାଟି ସାମଗ୍ରୀ ତିଆରି ପାଇଁ ବହୁ କଳା କୌଶଳର ଆବଶ୍ୟକତା ସାଙ୍ଗକୁ ଅଭିଜ୍ଞତା ହିଁ ଏସବୁ ସାମଗ୍ରୀ ତିଆରି କରିବାରେ ସହାୟକ ହୋଇଥାଏ। ଖରିଦା ବିନାୟକପୁର ପଞ୍ଚାୟତର ବିନାୟକପୁର ହାଟ ନିକଟରେ କରୁଣାକର ବେହେରା ନିଜର କୌଳିକ ବୃତ୍ତିକୁ ଏଯାଏ ଜାବୁଡ଼ି ଧରିଛନ୍ତି। ମାଟିରେ ବିଭିନ୍ନ ସାମଗ୍ରୀ ତିଆରି କରି ରୋଜଗାରକ୍ଷମ ହେବା ସହ ନିଜ ପରିବାର ପ୍ରତିପୋଷଣ କରିଆସୁଛନ୍ତି। ମାତ୍ର ୧୮/୧୯ ବର୍ଷ ବୟସରୁ ନିଜ ପରିବାର ଲୋକଙ୍କଠାରୁ ମାଟି ସାମଗ୍ରୀ ତିଆରି କଳା କୌଶଳ ଶିକ୍ଷା କରି ଦୀର୍ଘ ୪୦ବର୍ଷରୁ ଊର୍ଦ୍ଧ୍ୱ ହେଲା ବୃତ୍ତିକୁ ବଞ୍ଚାଇ ରଖିବା ସହ ରୋଜଗାରକ୍ଷମ ହୋଇପାରିଛନ୍ତି। ହେଲେ ସରକାରୀ ପ୍ରୋତ୍ସାହନ ଅଭାବ ପାଇଁ ଏହି ବୃତ୍ତି ଦିନକୁ ଦିନ ହଜିବାକୁ ବସିଛି ବୋଲି ସେ କହିଛନ୍ତି। ସେହିପରି ବଳିବିନ୍ଧା ଗ୍ରାମର ନାରାୟଣ ବେହେରା କହନ୍ତି, ପୂର୍ବରୁ ତାଙ୍କ ବାପା, ବୁଢ଼ାବାପା ଏହି ବୃତ୍ତିକୁ ନିଜର ରୋଜଗାରର ପନ୍ଥା ଭାବେ ଗ୍ରହଣ କରିଥିବା ବେଳେ ଏବେ ଏହି ସାମଗ୍ରୀର ଚାହିଦା କମିଥିବାରୁ ବୁଡ଼ିବାକୁ ଯାଉଛି।

# ବିଜେଡିର ନିର୍ବାଚନୀ ସଭା



ବାଲିମେଦଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଉପସ୍ଥିତ ମହିଳାମାନେ।

**ବାସୁଦେବପୁର,୧୬।୫ (ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତର ମେଳନପଡ଼ିଆଠାରେ ଗୁରୁବାର ଅପରାହ୍ନରେ ବିଜେଡି ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ଏଥିରେ ଯୋଗଦେଇ ବାସୁଦେବପୁରରେ ଯେଉଁ ନିରନ୍ତର ବିକାଶ ଚାଲିଛି, ତାହା ଆଗାମୀ ଦିନରେ ବହୁଗୁଣିତ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାକୁ କର୍ମୀମାନେ ସଂକଳ୍ପ ନେଇଥିଲେ। ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳିତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମାବେଶ, ନିର୍ବାଚନ ସଭାରେ ବିଧାୟକ ପ୍ରତିନିଧି ଅସିତ କୁମାର ଦାସ, କୃଷ୍ଣଚନ୍ଦ୍ର ଘଡ଼େଇ, ଟିନୁ ପଟ୍ଟନାୟକ, ମହିଳା ବିଜେଡି ସଭାନେତ୍ରୀ ଝରଣା ମଲିକ, ପ୍ରକାଶ ସେଠୀ, ପ୍ରକାଶ ମଲିକ ପ୍ରମୁଖ ଯୋଗଦେଇ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଏବଂ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।

# ଭୋଟ ଗଣତି ପାଇଁ ତାଲିମ



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

**ଭଦ୍ରକ,୧୬।୫(ସନାତନ ରାଉତ/ରବିନାରାୟଣ ଖିଲାର)**

ଆସନ୍ତା ଜୁନ୍ ୪ରେ ସାଧାରଣ ନିର୍ବାଚନ ଭୋଟ ଗଣତି ପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ସମ୍ବିତ କୁମାର ଗଡ଼ନାୟକ, ସିଡିଓ ସରୋଜ କୁମାର ଦତ୍ତ, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ ପ୍ରମୁଖ ସମସ୍ତ ସହାୟକ ରିଟର୍ନିଂ ଅଧିକାରୀ ଓ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିଛନ୍ତି। ଗଣତି ପ୍ରକ୍ରିୟା ପାଇଁ ନିର୍ବାଚନ ଆୟୋଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାକୁ ଭଲ ଭାବେ ପଢ଼ିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଦୃଶ୍ୟଫଳକ ଜରିଆରେ ଅତିରିକ୍ତ ଜିଲାପାଳ ମହାନ୍ତି ପୋଷ୍ଟାଲ ଭୋଟ୍‌ରେ ବ୍ୟବହୃତ ବିଭିନ୍ନ ଫର୍ମ ବାଲଟ୍ ପେପର ଓ ତାହାର ଗଣତି ପ୍ରକ୍ରିୟା ସମ୍ବନ୍ଧରେ ବୁଝାଇଥିଲେ। ଗଣତି ଦିନ ସକାଳ ୮ଟାରେ ପ୍ରଥମେ ପୋଷ୍ଟାଲ ଭୋଟରୁ ଗଣତି ଆରମ୍ଭ ହେବ। ପୋଷ୍ଟାଲ ଭୋଟ ଗଣତିର ଅଧଘଣ୍ଟା ପରେ ଅର୍ଥାତ୍ ସକାଳ ୮ଟା ୩୦ରେ ଇଭିଏମ୍‌ର ଭୋଟ ଗଣତି ପ୍ରକ୍ରିୟା ଆରମ୍ଭ କରାଯିବ। ପ୍ରକାଶଥାଉ କି, ଜିଲା କାର୍ଯ୍ୟାଳୟ ନିକଟସ୍ଥ ସଂସ୍କୃତି ଭବନରେ ଧାମନଗର ବିଧାନସଭା ଭୋଟ ଗଣତି ଓ ଭଦ୍ରକ କଲେଜରେ ଜିଲାର ଅନ୍ୟ ୪ଟି ବିଧାନସଭା ଭୋଟ ଗଣତି ପାଇଁ ପ୍ରସ୍ତୁତି କରାଯାଇଛି।

### ୫୫ ପ୍ରାର୍ଥୀପତ୍ର କାଏମ୍

**ଭଦ୍ରକ,୧୬।୫(ସନାତନ ରାଉତ)**

ଭଦ୍ରକ ଲୋକ ସଭା ଓ ଜିଲାର ୫ ବିଧାନସଭା ଆସନ ପାଇଁ ଦାଖଲ ହୋଇଥିବା ସମସ୍ତ ୫୫ ପ୍ରାର୍ଥୀପତ୍ର କାଏମ୍ ରହିଛି। ଲୋକସଭା ଆସନ ପାଇଁ ୯ ଓ ୫ ବିଧାନସଭା ଆସନ ଲାଗି ୪୬ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଯାଞ୍ଚ ପରେ ସମସ୍ତ ପ୍ରାର୍ଥୀପତ୍ର କାଏମ ରହିଥିବା ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ଭଦ୍ରକ ଲୋକ ସଭା ପାଇଁ ବିଜେଡିରୁ ମଞ୍ଜୁଲତା ମଣ୍ଡଳ, ଭାଜପାରୁ ଅଭିମନ୍ୟୁ ସେଠୀ, କଂଗ୍ରେସରୁ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ଅର୍ଜୁନ ଚରଣ ମଲିକଙ୍କ ସମେତ ୯ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ସେହିପରି ଭଣ୍ଡାରିପୋଖରୀ ବିଧାନସଭା ଆସନ ପାଇଁ ସର୍ବାଧିକ ୧୩ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ସମସ୍ତ କାଏମ୍ ରହିଛି। ଭଦ୍ରକ ବିଧାନସଭା ଆସନ ଲାଗି ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ସମେତ ୮ ଜଣ, ବାସୁଦେବପୁର ନିର୍ବାଚନମଣ୍ଡଳୀରେ ୭, ଚାନ୍ଦବାଲିରେ ୧୦, ଧାମନଗର ବିଧାନସଭା ଆସନ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ୮ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଙ୍ଗୀତ ଉନ୍ମୋଚିତ




ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ତାଙ୍କ ସ୍ତ୍ରୀ ରତ୍ନପର୍ଣ୍ଣା ସ୍ରୋତସ୍ୱିନୀ ରାଉତରାୟ ସଙ୍ଗୀତ କ୍ୟାସେଟ ଉନ୍ମୋଚନ କରୁଛନ୍ତି।

**ବାସୁଦେବପୁର,୧୬।୫(ନାରାୟଣ ପ୍ରସାଦ ବାରିକ୍)**

'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ବାସୁଦେବପୁରର ବିକାଶ କଥାକୁ ନେଇ ପ୍ରସ୍ତୁତ ସଙ୍ଗୀତ ଉନ୍ମୋଚନ ଉତ୍ସବ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ଓ ତାଙ୍କ ସ୍ତ୍ରୀ ରତ୍ନପର୍ଣ୍ଣା ସ୍ରୋତସ୍ୱିନୀ ରାଉତରାୟ ଯୋଗଦେଇ ଏହି ସଙ୍ଗୀତ ଗାନ କରି ଉନ୍ମୋଚନ କରିଥିଲେ। ଏଥିସହ ଏହାର ଏକ ଭିଡିଓ ବାର୍ତ୍ତା ମଧ୍ୟ ଉନ୍ମୋଚନ କରିଛନ୍ତି। ବିଧାୟକ ରାଉତରାୟ ଓ ତାଙ୍କ ସ୍ତ୍ରୀ ଉଭୟ କଣ୍ଠଶିଳ୍ପୀ। ବାସୁଦେବପୁରର ବିକାଶମୂଳକ ବାର୍ତ୍ତା ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଆଧାର କରି ସେମାନେ କଣ୍ଠଦାନ କରିଥିବା ଏହି ସଙ୍ଗୀତ ଖବରଦାତା ସମ୍ମିଳନୀରେ ଉନ୍ମୋଚନ କରିଥିବା ବେଳେ ଏହା ଭୋଟରଙ୍କୁ ଆକର୍ଷିତ କରିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ।

# ବୁଥ୍ ପରିଦର୍ଶନ କଲେ ତହସିଲଦାର, ଏସ୍‌ଡିପିଓ

**ଧାମନଗର,୧୬।୫(ଦେବେନ୍ଦ୍ର ଆନ୍ଦିଆ)**

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଜୋରଦାର କରାଯାଇଛି। ଧାମନଗର ବ୍ଲକରେ ୧୮୬ଟି ବୁଥ୍ ହୋଇଥିବା ବେଳେ ଧାମନଗର ନିର୍ବାଚନମଣ୍ଡଳୀରେ ମୋଟ ୨୫୭ଟି ବୁଥ୍‌ରେ ମତଦାନ ପାଇଁ ସ୍ଥିର ହୋଇଛି। ୧୮୬ ବୁଥ୍ ମଧ୍ୟରୁ ୫୫ଟି ମିକ୍ସ ବୁଥ୍ ରହିଛି। ଏହି ବୁଥ୍‌ଗୁଡ଼ିକରେ ୩ଜଣ ମହିଳା ଓ ୩ଜଣ ପୁରୁଷ ରହିବେ। ଏହାବ୍ୟତୀତ ୧୬ଟି ପିଙ୍କ୍ ବୁଥ୍ କରାଯାଇଛି। ଏହି ବୁଥ୍‌ରେ ୬ଜଣ ମହିଳା ରହିବେ। ଗୁରୁବାର ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଥାନା ଅଧିକାରୀ ଫନିନ୍ଦ୍ର ଭୂଷଣ ନାୟକ ଓ ତହସିଲଦାର



ପୋଲିସ କଣ୍ଟଦା ଅଞ୍ଚଳରେ ବୁଥ୍ ପରିଦର୍ଶନ ସହ ଫ୍ଲାଗ୍‌ମାର୍ଚ୍ଚ କରୁଛି।

ଦୀପକ କୁମାର ଦାସ ମିଳିତ ଭାବେ ପଧାନୀ ପଞ୍ଚାୟତର ୧୮୧ , ୧୮୨ ନଂ. ବୁଥ୍, ପାଖ ବୁଥ୍‌ଗୁଡ଼ିକୁ ପରିଦର୍ଶନ କରିଛନ୍ତି। ପୋଲିସ ପକ୍ଷରୁ ଧାମନଗର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ନିୟମିତ ପାଟ୍ରୋଲିଂ ସହ ଫ୍ଲାଗମାର୍ଚ୍ଚ କଡ଼ାକଡ଼ି କରାଯାଇଛି। ବୁଧବାର ରାତିରେ ଏସ୍‌ଡିପିଓ ସେଠୀଙ୍କ ନେତୃତ୍ୱରେ ଥାନାଧିକାରୀ ନାୟକ ଓ ୧ ପ୍ଲାଟୁନ ଫୋର୍ସ ସହ ଦୋବଲ, ଖଡ଼ିପଦା ଏବଂ କ୍ଷେତ୍ରପୁର ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ ସହ ବ୍ଲକିଂ କରାଯାଇଥିଲା।

# ଆତ୍ମହତ୍ୟା ନୁହେଁ, ହତ୍ୟା ଅଭିଯୋଗ

**ଝିଅର ପ୍ରେମବିବାହ ପରେ ବାପାଙ୍କ ମୃତଦେହ ମିଳିବା ଘଟଣା**

**ତିହିଡ଼ି,୧୬।୫ (ସଞ୍ଜିତ ବଳ)**

ତିହିଡ଼ି ଥାନା ଅଧୀନ ଅଚକ ପଞ୍ଚାୟତ କନ୍ଦପୁର ଗ୍ରାମର ହେମନ୍ତ କୁମାର ରାଉତଙ୍କ ମୃତଦେହ ଭଦ୍ରକ-ଧାମରା ରେଳପଥର କନ୍ଦପୁର ନିକଟରୁ ଗତ ୧୦ ତାରିଖ ବିଳମ୍ବିତ ରାତିରେ ପୋଲିସ ଜବତ କରିଥିଲା। ଝିଅର ପ୍ରେମବିବାହରେ ଭାଙ୍ଗିପଡ଼ି ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। କିନ୍ତୁ ମୃତ ହେମନ୍ତଙ୍କ ପରିବାର ପକ୍ଷରୁ ଏହାକୁ ଖଣ୍ଡନ କରାଯାଇ ପୂର୍ବଶତ୍ରୁତାରୁ ତାଙ୍କୁ ହତ୍ୟା କରି ରେଳପଥରେ ପକାଇ ଦିଆଯାଇଥିବା ସନ୍ଦେହ କରାଯାଉଛି। ମୃତ ହେମନ୍ତଙ୍କ ବଡ଼ଝିଅ କହିଛନ୍ତି ଯେ, ତାଙ୍କ ସାନ ଭଉଣୀ ପରିବାରର ସହମତିରେ ପ୍ରେମବିବାହ କରିଥିଲେ। ଏପରିକି ବିବାହ ସମୟରେ ତାଙ୍କ ବାପା ଉପସ୍ଥିତ ଥିଲେ। ଏଣୁ ପ୍ରେମବିବାହରେ ଭାଙ୍ଗି ପଡ଼ି ତାଙ୍କ ବାପା ଆତ୍ମହତ୍ୟା କରିନାହାନ୍ତି। ବରଂ କିଛି ଲୋକଙ୍କର ଶତ୍ରୁତା ଥିବାରୁ ସେମାନଙ୍କ ଭିତରୁ କେହି ତାଙ୍କ ବାପାଙ୍କୁ ହତ୍ୟା କରି ରେଳପଥରେ ପକାଇ ଦେଇଥିବା ତାଙ୍କର ସନ୍ଦେହ ହେଉଛି। ସେ ଏ ସମ୍ପର୍କରେ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ ବୋଲି ଆଇଆଇସି କହିଛନ୍ତି। ତେବେ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସେ ଦାବି କରିଛନ୍ତି।

# ୨ ପ୍ରାର୍ଥୀ କୋଟିପତି

**ଭଦ୍ରକ ବିଧାନସଭା କ୍ଷେତ୍ର**

- ସବୁଠୁ ଧନୀ ଅସିତ୍, ପ୍ରଫୁଲ୍ଲ ଗରିବ

**ଭଦ୍ରକ,୧୬।୫ (ସନାତନ ରାଉତ)**

ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ହୋଇଥିବା ୩ ପ୍ରମୁଖ ଦଳ ମଧ୍ୟରେ କଂଗ୍ରେସ ପ୍ରାର୍ଥୀ ଅସିତ୍ ପଟ୍ଟନାୟକ ସବୁଠୁ ଧନୀ। ପ୍ରାର୍ଥୀପତ୍ର ଦାଖଲ ବେଳେ ଦେଇଥିବା ସତ୍ୟପାଠରେ ତାଙ୍କର ପାଖାପାଖି ୧୨ କୋଟି ଟଙ୍କା ସମ୍ପତ୍ତି ଥିବା ଦର୍ଶାଇଛନ୍ତି। ୮ କୋଟି ୨୦ ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ଓ ୩ କୋଟି ୬୯ ଲକ୍ଷ ୬୦ ହଜାର ୩୨୧ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ଦ୍ୱିତୀୟ କୋଟିପତି ପ୍ରାର୍ଥୀ ହେଉଛନ୍ତି ପ୍ରଥମ କରି ନିର୍ବାଚନ ଲଢୁଥିବା ଭାଜପା ପ୍ରାର୍ଥୀ ସିତାଂଶୁ ଶେଖର ମହାପାତ୍ର। ତାଙ୍କର ସମ୍ପତ୍ତି ପାଖାପାଖି ୬ କୋଟି ଟଙ୍କା। ୪ କୋଟି ୮୮ ଲକ୍ଷ ୧୫ ହଜାର ୪୨ ଟଙ୍କା ସ୍ଥାବର ସମ୍ପତ୍ତି ଓ ୧ କୋଟି ୫ ଲକ୍ଷ ୪୦ ହଜାର ୫ ଶହ ଟଙ୍କା ଅସ୍ଥାବର ସମ୍ପତ୍ତି ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି। ସବୁଠାରୁ ରୋଚକପୂର୍ଣ୍ଣ କଥା ହେଉଛି ବିଜେଡି ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ, ବିଧାୟକ ପ୍ରଫୁଲ୍ଲ ସାମଲ ତାଙ୍କର ସମ୍ପତ୍ତି ମାତ୍ର ୧୦ ଲକ୍ଷ ୪୦ ହଜାର ଟଙ୍କା ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି। ୬ ଥରର ବିଧାୟକ ତଥା ବିଜେଡିର ବରିଷ୍ଠ ନେତା ଯିଏକି ପୂର୍ବରୁ ଏକାଧିକବାର ମନ୍ତ୍ରୀ ହୋଇଛନ୍ତି, ତାଙ୍କର ସମ୍ପତ୍ତି ମୂଲ୍ୟ ଏତେ କମ୍ ହୋଇଥିବା ନେଇ ସହରରେ ଚର୍ଚ୍ଚା ଚାଲିଛି। ତାଙ୍କ ସ୍ଥାବର ସମ୍ପତ୍ତିର ମୂଲ୍ୟ ୮ ଲକ୍ଷ ୬ ହଜାର ୪୦୬ ଟଙ୍କା ହୋଇଥିବା ବେଳେ ୨ ଲକ୍ଷ ୩୪ ହଜାର ୯୩ ଟଙ୍କା ଅସ୍ଥାବର ସମ୍ପତ୍ତି ବୋଲି ସତ୍ୟପାଠରେ ଉଲ୍ଲେଖ ରହିଛି। ଏହି ସତ୍ୟପାଠ ମୁତାବକ କଂଗ୍ରେସ, ଭାଜପା ଅପେକ୍ଷା ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସମସ୍ତଙ୍କଠାରୁ ଗରିବ ପ୍ରାର୍ଥୀ ବୋଲି ଚର୍ଚ୍ଚା ହେଉଛି।

### ବିଜେଡିକୁ ଫେରିଲେ ପୂର୍ବତନ ସରପଞ୍ଚ

**ଭଣ୍ଡାରିପୋଖରୀ,୧୬।୫ (ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକ ନଗୁଆଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁବାଷ ଗୋଛାୟତ ବିଜେଡିକୁ ଫେରିଛନ୍ତି। ସେ ପ୍ରଥମେ ବିଜେଡି ସମର୍ଥନରେ ସରପଞ୍ଚ ଭାବେ କାର୍ଯ୍ୟ କରିଥିବା ବେଳେ ପରବର୍ତ୍ତୀ ସମୟରେ ଦଳ ଛାଡ଼ି କଂଗ୍ରେସ ସମର୍ଥନରେ ସରପଞ୍ଚ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଥିଲେ। ଗୁରୁବାର ସେ ତାଙ୍କ ସମର୍ଥକମାନଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି। ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ତାଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଯୁବ ସଭାପତି ଲଳିତ ରାଉତ, ନାରୀନେତ୍ରୀ ମାନସୀ ନାୟକ, ନୀଳାମ୍ବର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଚାରକୁ ଜୋରଦାର କଲା କଂଗ୍ରେସ

**ବାସୁଦେବପୁର,୧୬।୫(ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀର ୨୧ ନଂ. ଜିଲା ପରିଷଦ ଜୋନ୍‌ରେ କଂଗ୍ରେସ ନିର୍ବାଚନ ପ୍ରଚାରକୁ ଜୋରଦାର କରିଛି। ଏମ୍‌ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ ଓ ବାସୁଦେବପୁର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ଦାସ ରୋଡ୍ ଶୋ' କରି ୯ ପଞ୍ଚାୟତରେ ଭୋଟଭିକ୍ଷା କରିଛନ୍ତି। ବାଇକ୍ ଶୋଭାଯାତ୍ରା ଓ ରୋଡ୍ ଶୋ' ବାଲିମୁଣ୍ଡା, କରଞ୍ଜଆଡ଼ିଆ, ନାୟକାଣିଡିହୀ, ଆନ୍ଦୋଳା, ବିରସ, ବିନୋବାଭାବେନଗର, ଗୋପବନ୍ଧୁନଗର, ରାଜଘରପୋଖରୀ, ବାଲିମେଦ, ଗୋବିନ୍ଦପୁର, ଆନ୍ଦୋଳା ସମେତ ଆଖପାଖ ପଞ୍ଚାୟତ ପରିକ୍ରମା କରିଥିଲା। ୩ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଏହି ରାଲିରେ ସାମିଲ ହୋଇଥିଲେ।

ସେହିପରି ନାୟକାଣିଡିହୀ ବଜାରଠାରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳଙ୍କ ସଭାପତିତ୍ୱରେ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ ବିଧାୟକ ପ୍ରାର୍ଥୀ ଅଶୋକ ବାସୁଦେବପୁରରେ ଯେଉଁ ପରିବାରବାଦ ରାଜନୀତି ଚାଲିଛି, ଭୋଟରମାନେ ନିର୍ବାଚନରେ ଉଚିତ ଜବାବ ଦେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏମ୍‌ପି ପ୍ରାର୍ଥୀ ଅନନ୍ତ ନିର୍ବାଚନ ସଭାକୁ ଉଦ୍‌ବୋଧନ ଦେଇ କଂଗ୍ରେସର ଗ୍ୟାରେଣ୍ଟି ଓ ଦେଶ ପାଇଁ ଦଳର ଅବଦାନ ସମ୍ପର୍କରେ କହିବା ସହ ଭୋଟ ଭିକ୍ଷା କରିଥିଲେ। କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଭାତ ବାରିକ, ଯୁବନେତା ପ୍ରକାଶଜ୍ୟୋତି ମହାକୁଡ଼, ସରପଞ୍ଚ ଆଦିତ୍ୟ ଗିରି, ମାନସୀ ସେଠୀ, ଯୁବନେତା ସିଦ୍ଧାନ୍ତ ଦାସଙ୍କ ସହ ପଞ୍ଚାୟତସ୍ତରୀୟ ନେତାମାନେ ସଭାରେ ଯୋଗ ଦେଇଥିଲେ।



ରୋଡ୍ ଶୋ'ରେ କଂଗ୍ରେସର ଏମ୍‌ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ ଓ ବିଧାୟକ ପ୍ରାର୍ଥୀ ଅଶୋକ ଦାସ ପ୍ରଚାର କରୁଛନ୍ତି।

# ରାସ୍ତା ନାହିଁ ତ ଭୋଟ ନାହିଁ

## ରାଜ୍ୟପାଳଙ୍କୁ ଜଣାଇଲେ ଗ୍ରାମବାସୀ

ବାଲେଶ୍ୱର, ୧୬।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ବଳଭଦ୍ରପୁର ସରକାରୀ ପୋଖରୀଠାରୁ ହରିପୁର ସରକାରୀ ବିଦ୍ୟାଳୟ ପର୍ଯ୍ୟନ୍ତ ପାଖାପାଖି ୩ କି.ମି. ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ ଅବସ୍ଥାରେ ଅଛି। ଉକ୍ତ ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ପରିବାର ନିଜର ମୌଳିକ ଅଧିକାରରୁ ବଞ୍ଚିତ ଅଛନ୍ତି। ଝିଅ ଓ ପୁଅ ବିବାହ ହେଉ କିମ୍ବା ଗର୍ଭବତୀ ଓ ରୋଗୀଙ୍କୁ ହସ୍ପିଟାଲ ନେବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସେହିପରି ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ ଅଗ୍ନିଶମ ଗାଡି ମଧ୍ୟ ଆସିପାରୁନାହିଁ। ଛାତ୍ରୀଛାତ୍ରମାନେ ଅଙ୍ଗନୱାଡ଼ିଠାରୁ ଆରମ୍ଭ କରି ସ୍କୁଲ, କଲେଜ ପର୍ଯ୍ୟନ୍ତ ଯା'ଆସ କରିବାରେ ସବୁବେଳେ ଅସୁବିଧା ଭୋଗୁଛନ୍ତି। ଅନ୍ୟପକ୍ଷରେ ଉକ୍ତ ଗ୍ରାମର ଲୋକମାନେ ଆବାସ ଯୋଜନା, ପାନୀୟଜଳ ଓ ଶୌଚାଳୟ ପାଇବା ଭଳି କେତେକ ଜନହିତକାରୀ ଯୋଜନାରୁ ବଞ୍ଚିତ ରହୁଛନ୍ତି। ଏସବୁ କାରଣରୁ ପ୍ରତ୍ୟେକ ପରିବାର ପକ୍ଷରୁ ଗୁରୁବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମୌଳିକ ସୁବିଧା ପାଇଁ ଲିଖିତ ଗୁହାରି କରିଛନ୍ତି। ସମସ୍ତ ଗ୍ରାମବାସୀ ଏକାଠି ହୋଇ ବିଶେଷ ସୁବିଧାଗୁଡ଼ିକ ନ ପାଇଲେ ଭୋଟ୍ ବର୍ଜନ କରିବେ ବୋଲି ଶପଥ ନେଇଛନ୍ତି।



ଗ୍ରାମବାସୀ ଭୋଟ୍ ବର୍ଜନ ଲାଗି ଚେତାବନୀ ଦେଉଛନ୍ତି।

## ଚେତାବନୀ ଦେଲେ ଖଇରା ବ୍ଲକର ୪ଗ୍ରାମର ଅଧିବାସୀ

ଖଇରା, ୧୬।୫(ଉତ୍କଳବନ୍ଧୁ ପଣ୍ଡା)

ବାରମ୍ବାର ଦାବି ସତ୍ତ୍ୱେ ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀ ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ କଇଁଗଡିଆ, ସାଜନାବାଜ, ବାଘମରା, ଟେକଚନ୍ଦନପୁର ଗ୍ରାମକୁ ଅଦ୍ୟାବଧି ରାସ୍ତାଟିଏ ନିର୍ମାଣ ହୋଇପାରିଲାନି। ଏକ ପକ୍କା ରାସ୍ତାର ସ୍ୱପ୍ନ ଦେଖୁଥିବା ପିଲାମାନେ ବୁଢୀବୁଢା ଅବସ୍ଥା ଅତିକ୍ରାନ୍ତ କରି ଆରପାରିକୁ ଯାଇସାରିଲେଣି । ହେଲେ ସ୍ୱାଧୀନତାର ୭୭ବର୍ଷ ପରେ ରାସ୍ତା ଭଳି ମୌଳିକ ସମସ୍ୟା ଭିତରେ ଗ୍ରାମବାସୀ ଅଣନିଃଶ୍ୱାସୀ ହୋଇସାରିଲେଣି। ଶେଷରେ ଏହି ରାସ୍ତା ନିର୍ମାଣ ଦାବିରେ ସମୂହ ଗ୍ରାମବାସୀ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ ଚେତାବନୀ ଦେଇଛନ୍ତି । ସେମାନେ ତାଙ୍କର ଲିଖିତ ଦାବିପତ୍ର ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।


ଭୋଟବର୍ଜନ ଚେତାବନୀ ଦେଇଥିବା ୪ ଗ୍ରାମର ବାସିନ୍ଦା।

ଅଭିଯୋଗ ଅନୁଯାୟୀ ଉକ୍ତ ଗ୍ରାମଗୁଡିକରୁ ରାଣିତାଳ-କୁପାରୀ ମୁଖ୍ୟରାସ୍ତାର ଦୂରତା ପାଖାପାଖି ୨କି.ମି.। ୧ହଜାର ୨ଶହ ଭୋଟର ବସବାସ କରୁଥିବା ଏହି ଗ୍ରାମଗୁଡିକରେ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଦୈନିକ ଏହି ରାସ୍ତା ଦେଇ ବିଦ୍ୟାଳୟକୁ ପଢିବାକୁ ଯାଇଥାନ୍ତି । ଏହି ରାସ୍ତା ପାଇଁ ସ୍ୱାଧୀନତା ପରଠାରୁ ଗ୍ରାମବାସୀ ବିଭିନ୍ନ ସମୟରେ ନିର୍ବାଚିତ ଲୋକପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କୁ କହି କହି ଗ୍ରାମବାସୀ ନୟାନ୍ତ ହୋଇ ସାରିଲେଣି । ବିଶେଷ କରି ବର୍ଷା ଋତୁ ଆସିଲେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଜଣେ ହେଲେ ଗ୍ରାମବାସୀ ଭୋଟ କେନ୍ଦ୍ରକୁ ଯିବେ ନାହିଁ ବୋଲି ଉକ୍ତ ଗ୍ରାମଗୁଡିକର ଅଧିବାସୀ ରତ୍ନାକର ବେହେରା,ଅଶୋକ ସାହୁ, ଗୋପାଳ ରାଉତ, ଧର୍ମେନ୍ଦ୍ର ଓଝାଙ୍କ ସମେତ ସମୂହ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ହାଇଦ୍ରାବାଦରେ କୋଠା ଭୁଶୁଡ଼ିବା ଘଟଣା
### ବାଲିଆପାଳ ଅଞ୍ଚଳର ଜଣେ ମୃତ, ୨ ଗୁରୁତର

କାଳିପଦା, ୧୬।୫(ରାଜଶ୍ରୀ ପାଣିଗ୍ରାହୀ)-ହାଇଦ୍ରାବାଦରେ କୋଠା ଭୁଶୁଡିବା ଘଟଣାରେ ବାଲିଆପାଳ ବ୍ଲକ ଅଧୀନ ବୋଲଂ ପଞ୍ଚାୟତର ଜୟଦେବ ମହାକୁଡ଼ (୫୧)ଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ସବିତା ମହାକୁଡ଼ (୪୭)ଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ସାନପୁଅ ରାକେଶଙ୍କ ଗୋଡ଼ରେ କ୍ଷତ ହୋଇଛି। ଜୟଦେବ ଓ ତାଙ୍କ ପରିବାର ଦୀର୍ଘଦିନ ଧରି ହାଇଦ୍ରାବାଦରେ ରହିଆସୁଥିଲେ। ଜୟଦେବ ଏକ ଘରୋଇ କମ୍ପାନୀରେ ସିକ୍ୟୁରିଟି ଗାର୍ଡ଼ ଭାବରେ କାର୍ଯ୍ୟ କରୁଥିଲେ। ଗତ ବୁଧବାର ରାତିରେ ସ୍ୱାମୀ, ସ୍ତ୍ରୀ ଓ ଛୁଆ ଶୋଇଥିଲେ। ହଠାତ୍ ସେମାନେ ରହୁଥିବା ଘର ପାଖରେ ଏକ ୩ ମହଲା କୋଠା ଭୁଶୁଡ଼ି ପଡିବାରୁ ଘଟଣାସ୍ଥଳରେ ଜୟଦେବଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗୁରୁତର ଅବସ୍ଥାରେ ତାଙ୍କ ସ୍ତ୍ରୀ ଓ ପୁଅକୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଜୟଦେବଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ସଞ୍ଜୟ ପଣ୍ଡା ଜିକେଭଙ୍ଗର ଡାକ୍ତରଖାନାର ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ

ଜଳେଶ୍ୱର, ୧୬।୫(ରବିନାରାୟଣ ପାତ୍ର): ଜଳେଶ୍ୱର ବ୍ଲକ ଜିକେଭଙ୍ଗର ହସ୍ପିଟାଲର ଡାକ୍ତର ସଞ୍ଜୟ ପଣ୍ଡାଙ୍କୁ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହିତ ଡା. ଦିଲୀପ ପାତ୍ରଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଚଳିତମାସ ୩ତାରିଖରେ ଜଳେଶ୍ୱର ଥାନା ଅଧୀନ ଚକହରି ଗାଁର ୧୭ବର୍ଷୀୟ ଯୁବକ ଉମେଶ ମାଝିଙ୍କ ଜିକେଭଙ୍ଗର ହସ୍ପିଟାଲରେ ମୃତ୍ୟୁ ପରେ ରୋଗୀଙ୍କ ସମ୍ପର୍କୀୟ କାର୍ଯ୍ୟରତ ଡାକ୍ତର ତଥା ସୁପରିଣ୍ଟେଣ୍ଡେଣ୍ଟ ଦିଲୀପ ପାତ୍ରଙ୍କୁ ମାରପିଟ୍ କରିଥିଲେ। ଡାକ୍ତର ପାତ୍ର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଥାଇ ଛୁଟିରେ ଥିବା ବେଳେ ଗଣ୍ଡଗୋଳରେ ସାମିଲ ଥିବା ମୃତକଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ୬ଜଣଙ୍କୁ ଜଳେଶ୍ୱର ପୋଲିସ୍ କୋର୍ଟଚାଲାଣ କରିଥିଲା। ପରିବାର ପକ୍ଷରୁ ଡାକ୍ତର ଦିଲୀପ କୁମାର ପାତ୍ରଙ୍କୁ ଗିରଫ ଦାବିରେ ଥାନାରେ ଏତଲା ଦେବା ସହିତ କାର୍ଯ୍ୟାନୁଷ୍ଠାନ ନ ହେଲେ ହସ୍ପିଟାଲ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ଏପରି ସମସ୍ୟାକୁ ଲକ୍ଷ୍ୟରେ ରଖି ବାଲେଶ୍ୱର ମୁଖ୍ୟ ଚିକିତ୍ସାଧିକାରୀ ଚିଠି ନଂ. ୭୨୧୪ ତା ୧୫/୫/୨୪ରେ ଡାକ୍ତର ସଞ୍ଜୟ ପଣ୍ଡାଙ୍କୁ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ପ୍ରଦାନ କରାଯାଇଛି । ଏଥିସହିତ ଡା. ଦିଲୀପ ପାତ୍ରଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ୩ ମନ୍ଦିରରୁ ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

### ଭୋଗରାଇରେ ସିରିଜ ଚୋରି

ଭୋଗରାଇ, ୧୬।୫(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୋହରିଆ ପଞ୍ଚାୟତ ଝାଡସିମୁଳିଆ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଖରାଖାଇ ଠାକୁରାଣୀଙ୍କ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଦୁଇଟି ଗ୍ରୀଲ କାଟି ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଗୁରୁବାର ସକାଳେ ମା' ଖରାଖାଇ ଠାକୁରାଣୀଙ୍କ ସେବାୟତ ହରିଶ୍ଚନ୍ଦ୍ର ବେହେରା ମନ୍ଦିର ଦୈନନ୍ଦିନ ନିତ୍ୟକର୍ମ ସମ୍ପାଦନ ପାଇଁ ଆସି ଦୁଇଟି ଗ୍ରୀଲ ଭାଙ୍ଗି ମନ୍ଦିରରୁ ସମସ୍ତ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ମା' ଠାକୁରାଣୀଙ୍କ ୫୦ଗ୍ରାମରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର, ୮ କି.ଗ୍ରା.ରୁ ଊର୍ଦ୍ଧ୍ୱ ଓଜନର ରୁପା ପାଦୁକା, ମୁକୁଟ ଓ ଅନ୍ୟାନ୍ୟ ଅଳଙ୍କାର, ଦାନବାକ୍ସରୁ ୧୨ହଜାରରୁ ଊର୍ଦ୍ଧ୍ୱ ନଗଦ ଟଙ୍କା, ମନ୍ଦିରର ବଡ଼ ଘଣ୍ଟି ସମେତ ସମସ୍ତ କଂସା ବାସନ, ଘଣ୍ଟ, ଘଣ୍ଟା ଓ ଅନ୍ୟାନ୍ୟ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଗ୍ରାମବାସୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସେହିପରି କଖଡା ପଞ୍ଚାୟତ ତଲାଡି ଗ୍ରାମର ମା' ମଙ୍ଗଳା ମନ୍ଦିରରୁ ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମା' ମଙ୍ଗଳା ମନ୍ଦିରରୁ ୬ଟି ସୁନା ପାଦୁକା, ୧୦ରୁପା ପାଦୁକା, ମା'ଙ୍କ ରୁପା ମୁକୁଟ, କଂସାବାସନ ଓ ସମସ୍ତ ପୂଜା ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ସେହିପରି ମା' ମଙ୍ଗଳା ମନ୍ଦିର ନିକଟସ୍ଥ ଭାଗବତ ଟୁଙ୍ଗୀରୁ ରାଧାକୃଷ୍ଣଙ୍କ ସୁନା, ରୁପା ଅଳଙ୍କାର ଓ ରୁପା ମୁକୁଟ ଚୋରି ହୋଇଥିଲା ବେଳେ ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅଭିଯୋଗ ହୋଇଛି। ଭୋଗରାଇ ଥାନା ପୋଲିସ ୩ଟି ପୃଥକ ମାମଲା ରୁଜୁ କରି ତଦନ୍ତ କରିଛି। ବାଲେଶ୍ୱର ଜିଲା ପୋଲିସ ମୁଖ୍ୟାଳୟରୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଥିଲେ।

## ଅସହାୟ ନାବାଳିକା, ନାବାଳକ ଠାବ

ନୀଳଗିରି, ୧୬।୫(ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବରହମପୁର ଥାନା ଅଧୀନ ଇସାନେଶ୍ୱି ଗ୍ରାମରେ ଗୁରୁବାର ଅସହାୟ ଅବସ୍ଥାରେ ଜଣେ ନାବାଳିକା ଓ ଅନ୍ୟଜଣେ ନାବାଳକ ଠାବ ହୋଇଛନ୍ତି। ସନ୍ଧ୍ୟାରେ ପିଲା ଦୁଇଜଣ ଉକ୍ତ ଗ୍ରାମରେ ପହଞ୍ଚିବା ପରେ କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି ବିସ୍କୁଟ ଓ ପାଣି ଖାଇବାକୁ ଦେଇ ସେମାନଙ୍କର ପରିଚୟ ଜାଣିବାକୁ ଚାହିଁଥିଲେ। ମାତ୍ର ସେମାନେ ତାଙ୍କର ନାମ କିମ୍ବା ଘର ଠିକଣା ଦେଇପାରିନାହାନ୍ତି। ସେମାନେ ଆଖପାଖ ଅଞ୍ଚଳର ହୋଇ ନ ଥିବା ଅନୁମାନ କରାଯାଉଛି। ଏନେଇ ଅଞ୍ଚଳବାସୀ ବରହମପୁର ଥାନାକୁ ଖବର ଦେଇଛନ୍ତି।

## ଦିବ୍ୟଦର୍ଶନ ପରିବାର ପକ୍ଷରୁ ପୁସ୍ତକ ପ୍ରଦାନ


କୁଳପତିଙ୍କୁ ପୁସ୍ତକ ପ୍ରଦାନ କରାଯାଉଛି।

ବାଲେଶ୍ୱର,୧୬।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଦିବ୍ୟଦର୍ଶନ ସଂଘ ପରିବାର ତରଫରୁ ସଦ୍‌ଗୁରୁ ଶ୍ରୀ ଅର୍ଜ୍ଜୁନଙ୍କ ଦ୍ୱାରା ଲିଖିତ ଓ ପ୍ରକାଶିତ ପୁସ୍ତକ ପ୍ରଦାନ କରାଯାଇଛି।

ଗଞ୍ଜାମ ଜିଲାର ବ୍ରହ୍ମପୁରସ୍ଥିତ ଦିବ୍ୟଦର୍ଶନ ଆଶ୍ରମ ଶାଖାରୁ ବଂଶୀଧର ମହାରଣା ଓ ତାଙ୍କର ସହଧର୍ମିଣୀ ଚୁନି ମହାରଣା ବିଶ୍ୱବିଦ୍ୟାଳୟରେ ପହଞ୍ଚି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ସାକ୍ଷାତ କରି ସଦ୍‌ଗୁରୁ ଶ୍ରୀ ଅର୍ଜ୍ଜୁନଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ 'ଅମୃତ ଧାରା', 'ଦିବ୍ୟଦର୍ଶନ', 'ଇଗ୍ନୋରାନ୍ସ ସିନ୍ସ ଆଣ୍ଡ ସଫରିଙ୍ଗସ', 'ଟ୍ରୁଥ୍ ନଲେଜ ଆଣ୍ଡ ବ୍ଲିସ୍', 'ଅମୃତ ବିନ୍ଦୁ' ଆଦି ପ୍ରଦାନ କରିଥିଲେ। ଏହାକୁ ବିଶ୍ୱବିଦ୍ୟାଳୟର ମୁଖ୍ୟ ପାଠାଗାରରେ ସ୍ଥାନ ଦେବାକୁ ଆବେଦନ କରିଥିଲେ।

## ସୁବର୍ଣ୍ଣରେଖା ନଦୀପଠାରୁ ବାଲି, ମାଟି ଚୋରାଚାଲାଣ
# ୬ ଟ୍ରାକ୍ଟର, ୧ ଜେସିବି ଜବତ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ),୧୬।୫

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ କୁଦମାନସିଂହ ଚଡ଼ରେ ସୁବର୍ଣ୍ଣରେଖା ନଦୀକୂଳରେ ବେଆଇନ ବାଲି ମାଟି ଚୋରାଚାଲାଣ ବେଳେ ମଙ୍ଗଳବାର ପୂର୍ବାହ୍ନରେ ପ୍ରଶାସନ ୬ ଟ୍ରାକ୍ଟର ଓ ଗୋଟିଏ ଜେସିବିକୁ ଜବତ କରିଛି। ସୁବର୍ଣ୍ଣରେଖା ନଦୀକୂଳ କୁଦମାନସିଂହ ଚଡ଼ରୁ ପ୍ରତିଦିନ ବେଆଇନ ବାଲିମାଟି ଖୋଳା ହେଉଥିବାରୁ ଗ୍ରାମବାସୀ ଗ୍ରାମ ପ୍ରତି ବିପଦ ଆଶଙ୍କା କରି ଯେତେ ଅଭିଯୋଗ କଲେ ମଧ୍ୟ ବାଲିମାଟି ଖୋଳୁଥିବା ମାଫିଆମାନେ ଖାତିର୍ ନ କରି ବାଲି ଚୋରା ଚାଲାଣ କରି ମାଲେମାଲ ହେଉଛନ୍ତି। ଏନେଇ ଗ୍ରାମବାସୀ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିବା ପରେ ଜିଲାପାଳ ଓ ଏସ୍‌ପିଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଟିମ୍‌ରେ ବାଲେଶ୍ୱର ଉପଜିଲାପାଳ ପ୍ରଥମେଶ ରାଜସିର୍କେ, ଆଇଆଇସି ପର୍ଶୁରାମ ସାହୁ, ସ୍ଥାନୀୟ ବିଭିନ୍ନ ଥାନାର ଆଇଆଇସିଙ୍କ ସହିତ ବାଲିଆପାଳ ଆଇଆଇସି ସଦାନନ୍ଦ ନାଏକ, ବସ୍ତା ଏସ୍‌ଡ଼ିପିଓ ମିଳିତ ଚଢାଉ କରିଥିଲେ। ବାଲି ମାଟି ଖୋଳୁଥିବା ବେଳେ ୬ଟି ଟ୍ରାକ୍ଟର ଓ ଗୋଟିଏ ଜେସିବିକୁ ଘଟଣାସ୍ଥଳରୁ ଜବତ କରି ବାଲିଆପାଳ ଥାନାକୁ ଆଣିଥିଲେ। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଲିଆପାଳ ଆଇଆଇସି ନାଏକ କହିଛନ୍ତି।


ଜବତ ଟ୍ରାକ୍ଟର ଓ ଜେସିବି।

## ଓଡ଼ିଶା ଡ୍ରାଇଭର ମହାସଂଘର ଜିଲାସ୍ତରୀୟ ସମ୍ମିଳନୀ

ରୂପସା, ୧୬।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ୬୦ ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ମଥାନିସ୍ଥିତ ପ୍ରିନ୍ସ ମଣ୍ଡପଠାରେ ଓଡ଼ିଶା ଡ୍ରାଇଭର ମହାସଂଘର ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଲ୍ ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ପ୍ରମୋଦ ଶତପଥୀ ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ନିଖିଳ ଓଡ଼ିଶା ଅଟୋ ମହାସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାମଲ ଯୋଗଦେଇ ପରିବହନ ଶ୍ରମିକଙ୍କ ସାମାଜିକ ସୁରକ୍ଷା କଲ୍ୟାଣ ବୋର୍ଡର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ଡ୍ରାଇଭର ମହାସଂଘର ଦାବି ମୁତାବକ ଦୁର୍ଘଟଣାଜନିତ ମୃତ୍ୟୁ, ସାଧାରଣ ମୃତ୍ୟୁ, ଦୁର୍ଘଟଣାରେ ଅଙ୍ଗ ପ୍ରତ୍ୟଙ୍ଗ ହାନି ଓ ଚିକିତ୍ସା ପାଇଁ ଯଥାକ୍ରମେ ୪ଲକ୍ଷ, ୨ଲକ୍ଷ, ୧ ଲକ୍ଷ ୫୦ ହଜାର, ୮୦ ହଜାର ଟଙ୍କାର ସହାୟତା ରାଶି ଯୋଗାଇ ଦିଆଯିବା ଲାଗି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଝାରସୁଗୁଡ଼ା ଡ୍ରାଇଭର ଆସୋସିଏଶନ ସାଧାରଣ ସମ୍ପାଦକ ଚୈତନ୍ୟ ସାହାଣୀ, ସଡକ ପରିବହନ ଶ୍ରମିକ ମହାସଂଘ ସାଙ୍ଗଠନିକ ସମ୍ପାଦକ ସନ୍ତୋଷ ସାହୁ, ଭୁବନେଶ୍ୱର ଅଟୋ ମହାସଂଘର କାର୍ଯ୍ୟକାରୀ ସଭାପତି ଅସିତ୍ କୁମାର ମାର୍ଥା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଅଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## କସିପଦା ସମିତିରେ ରବି ଧାନମଣ୍ଡି ଉଦ୍‌ଘାଟିତ

ରୂପସା, ୧୬।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ କସିପଦା ସେବା ସମବାୟ ସମିତିରେ ରବି ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାନେତ୍ରୀ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ସର୍କଲର ଚିଫ୍ ଏଆରସିଏସ୍ ସୀମା ମୁର୍ମୁ ଯୋଗଦେଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍ଆରସିଏସ୍ ଦେବାଶିଷ ଦାସ, ଚିଫ୍ ସିଏସ୍‌ଓ ନିହାରରଞ୍ଜନ ବେହେରା, ଆରଏମ୍‌ସି ସେକ୍ରେଟାରୀ କୃଷ୍ଣଚନ୍ଦ୍ର ନାୟକ, ଏସିଏସ୍‌ଓ ହିମାଂଶୁ ଭୂଷଣ ସାହୁ, ଏସ୍ଆରସିଏସ୍ ଗୋପୀନାଥ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସମସ୍ତ ଚାଷୀଙ୍କଠାରୁ ରବିଧାନ କିଣା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୬ ଚାଷୀଙ୍କଠାରୁ ୨ଶହ ୨୦କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ସମିତି ସମ୍ପାଦକଙ୍କ ସମେତ ସମସ୍ତ କର୍ମଚାରୀ, ବୋର୍ଡ ଡାଇରେକ୍ଟର ଓ ଚାଷୀ କମିଟି ସଭ୍ୟ ଉପସ୍ଥିତ ଥିଲେ।


ମୁଖ୍ୟଅତିଥି ସୀମା ମୁର୍ମୁ ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

# ଶାନ୍ତିପୂର୍ଣ୍ଣ, ନିରପେକ୍ଷ ପରିଚାଳନା ଉପରେ ଗୁରୁତ୍ୱାରୋପ

### ସାଧାରଣ, ପୋଲିସ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

ବାଲେଶ୍ୱର, ୧୬।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନର ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ଓ ପଦକ୍ଷେପ ତଦାରଖ ପାଇଁ ସାଧାରଣ ଓ ପୋଲିସ ପର୍ଯ୍ୟବେକ୍ଷକ ଗୁରୁବାର ବାଲେଶ୍ୱର ଜିଲା ଗସ୍ତରେ ଆସି ଜିଲା ପ୍ରଶାସନ ସହିତ ସମୀକ୍ଷା ବୈଠକ କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ବୈଠକରେ ବାଲେଶ୍ୱର ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଜି. ପ୍ରକାଶ (୩୫-ଜଳେଶ୍ୱର, ୩୬-ଭୋଗରାଇ ଓ ୩୭-ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀ), ଅରୁଣ ସେଖରୀ (୩୮-ବାଲେଶ୍ୱର, ୩୯-ରେମୁଣା ଓ ୪୦-ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ) ଓ ପୋଲିସ ପର୍ଯ୍ୟବେକ୍ଷକ ଏ.ଜି. ଚୌହ୍ୱାନ(ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀ) ଓ ଅଶୋକ କୁମାର (ଭଦ୍ରକ ଲୋକସଭା ନିର୍ବାଚନମଣ୍ଡଳୀ) ସାମୂହିକ ଭାବେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଶିଷ ଠାକ୍‌ରେ ଜିଲାର ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ ଏବଂ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ସମସ୍ତ ତଥ୍ୟର ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଉପସ୍ଥିତ ଆରକ୍ଷୀ ମହାନିରୀକ୍ଷକ, ପୂର୍ବାଞ୍ଚଳ ଡ. ଦୀପକ କୁମାର ଓ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ନିର୍ବାଚନୀ ସୁରକ୍ଷା ବ୍ୟବସ୍ଥା ସମ୍ବଳିତ ସମସ୍ତ ତଥ୍ୟ ଉପସ୍ଥାପନା କରିଥିଲେ।


ପର୍ଯ୍ୟବେକ୍ଷକମାନେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରୁଛନ୍ତି।

ସାଧାରଣ ପର୍ଯ୍ୟବେକ୍ଷକ ମତଦାନ ନିମନ୍ତେ ଭୋଟରଙ୍କ ସୁବିଧା, ବୁଥଗୁଡ଼ିକର ସ୍ଥାନ ଓ ସ୍ଥିତି, ଇଭିଏମ୍ ପ୍ରସ୍ତୁତି, ପୋଲିଂ ଅଧିକାରୀ, ସେକ୍ଟର ଅଧିକାରୀ, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ପ୍ରଶିକ୍ଷଣ, ସି ଭିଜିଲ ରିପୋର୍ଟ, ପୋଷ୍ଟାଲ ବାଲାଟ, ହୋମ ଭୋଟିଂ, ସମ୍ବେଦନଶୀଳ ବୁଥ, ପୋଲିସ ମୁତୟନ, ଆବଶ୍ୟକ ପୋଲିସ ଫୋର୍ସ, ଫ୍ଲାଇଂ ସ୍କ୍ୱାଡ, ଏସ୍ଏସ୍‌ଟି, ପୋଲିସ ଟିମ୍ ଓ ଅବକାରୀ ବିଭାଗ ଦ୍ୱାରା ବେଆଇନ ନିଶାଦ୍ରବ୍ୟ, ଟଙ୍କା ଜବତ ଉପରେ ସମୀକ୍ଷା କରିଥିଲେ। ବାଲେଶ୍ୱର ଜିଲାର ନିର୍ବାଚନ ପରିଚାଳନା ପ୍ରସ୍ତୁତିରେ ସନ୍ତୋଷ ବ୍ୟକ୍ତ କରିବା ସହ ଜୁନ ୧ ତାରିଖରେ ହେବାକୁ ଥିବା ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ସମ୍ପୂର୍ଣ୍ଣ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସମସ୍ତ ପର୍ଯ୍ୟବେକ୍ଷକ ଜିଲାରେ ଚାଲୁଥିବା ଭୋଟର ସଚେତନତା କାର୍ଯ୍ୟକ୍ରମ ମଧ୍ୟରେ ନୂତନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ସବୁ ଦେଖି ଜିଲା ପ୍ରଶାସନକୁ ପ୍ରଶଂସା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ତଥା ୩୮-ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଧିକାରୀ ସୁଧାକର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ତଥା ଜିଲା ନିର୍ବାଚନ ଖର୍ଚ୍ଚ ମନିଟରିଂ ସେଲ ନୋଡ଼ାଲ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ ତଥା ୪୧-ସୋର ଓ ୪୨-ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଧିକାରୀ ନିରଞ୍ଜନ ବେହେରା, ବାଲେଶ୍ୱର ଉପଜିଲାପାଳ ତଥା ୩୭-ବସ୍ତା ଓ ୩୯-ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ନୀଳଗିରି ଉପଜିଲାପାଳ ତଥା ୪୦-ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଧିକାରୀ ମନ୍ଦରଧର ମହାଲିକ, ଅତିରିକ୍ତ ଉପଜିଲାପାଳ ତଥା ୩୫-ଜଳେଶ୍ୱର ଓ ୩୬- ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଧିକାରୀ ଶୁଭଶ୍ରୀ ରଥ ଓ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ୨୫ ଦିନରେ ୩ ମୃତ୍ୟୁ
### ଗ୍ରାମରେ ଭୟର ବାତାବରଣ

ହାଟଡିହୀ,୧୬।୫(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ସୋଲପଟା ଗ୍ରାମରେ ଆଗ ପଛ ହୋଇ ୨୦ ଦିନ ମଧ୍ୟରେ ୩ ଜଣଙ୍କ ମୃତ୍ୟୁ ଘଟିଲାଣି। କମ୍ ଦିନ ବ୍ୟବଧାନରେ ୩ ଜଣଙ୍କର ମୃତ୍ୟୁରେ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଗତ ଏପ୍ରିଲ ୨୨ ତାରିଖରେ ଦୁର୍ଗାବତୀ ସ୍ୱାଇଁ (୬୫)ଙ୍କ ମୃତ୍ୟୁ ଘଟିଥିଲା। ଗତ ମେ ୭ ତାରିଖରେ ୨ ମାସ ପୂର୍ବେ ବିବାହ କରିଥିବା ସମର କେଶରୀ ଜେନା(୩୪) ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ସେହିପରି ମେ ୧୧ ତାରିଖରେ ଗାଁର ରଙ୍ଗଲତା ଜେନା(୬୫)ଙ୍କ ମୃତ୍ୟୁ ଘଟିଥିଲା। ନିଜର ଲୋକଙ୍କୁ ହରାଇ ସମ୍ପର୍କୀୟ ଏବଂ ଗ୍ରାମବାସୀ ଦୁଃଖରେ ଥିବା ବେଳେ ତିନିମୁଣ୍ଡିଆ ଗ୍ରାମ ହୋଇଥିବାରୁ ଗ୍ରାମରେ ଜଣେ ମୃତ୍ୟୁବରଣ କଲେ ଆଉ ୨ ଜଣଙ୍କର ମୃତ୍ୟୁ ହୁଏ ବୋଲି ଗ୍ରାମବାସୀ କହୁଛନ୍ତି। କେତେଜଣ ବୟସ୍କ ବ୍ୟକ୍ତିଙ୍କ କହିବା କଥା ହେଉଛି ଗ୍ରାମର ଗ୍ରାମଦେବୀଙ୍କ ନିକଟରେ ପୂଜା ଏବଂ ଯଜ୍ଞ କରାଇଲେ ଆସୁଥିବା ବିପଦ ଦୂରେଇଯିବ।

# ଆଇନଶୃଙ୍ଖଳା, ଭୋଟଦାନ ବ୍ୟବସ୍ଥାକୁ ଗୁରୁତ୍ୱ

କେନ୍ଦୁଝର,୧୬।୫
(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

### ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା



ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ଅତିରିକ୍ତ ନିର୍ବାଚନ ଅଧିକାରୀ ଏନ. ତିରୁମାଲା ନାୟକ ଓ ଜିଲା ନିର୍ବାଚନ ଅଧିକାରୀ ବିଶାଳ ସିଂହ।

ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଗୁରୁବାର କେନ୍ଦୁଝର ଗସ୍ତ କରି ସାଧାରଣ ନିର୍ବାଚନ-୨୦୨୪ର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟର ଦରବାର ହଲ୍‌ଠାରେ ଆୟୋଜିତ ବୈଠକରେ ଜିଲା ନିର୍ବାଚନ ଅଧିକାରୀ, ଆରକ୍ଷୀ ଅଧୀକ୍ଷକ ଓ ପ୍ରବର୍ତ୍ତନ ସଂସ୍ଥାର ଅଧିକାରୀଙ୍କ ଉପସ୍ଥିତିରେ କେନ୍ଦୁଝର ଲୋକସଭା କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୬ ବିଧାନସଭା କ୍ଷେତ୍ରର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଥିଲେ।

ଜିଲାର ମତଦାନ କେନ୍ଦ୍ରଗୁଡ଼ିକରେ ପାନୀୟଜଳ, ବିଦ୍ୟୁତ୍, ଦିବ୍ୟାଙ୍ଗଙ୍କ ପାଇଁ ରାମ୍ପ, ଶୌଚାଳୟ ଏବଂ ଖରାରୁ ବର୍ତ୍ତିବା ପାଇଁ ଶେଡ୍ ନିର୍ମାଣ ଆଦିକୁ ଗୁରୁତ୍ୱ ଦେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ପିଙ୍କ୍ ବୁଥ୍, ହୋମ ଭୋଟିଂ, ପୋଷ୍ଟାଲ ବାଲାଟ, ଆଦିମ ଜନଜାତିଙ୍କ ଭୋଟ ହାର ବୃଦ୍ଧି ଓ ନୂତନ ଭୋଟର ସଚେତନତା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ସି-ଭିଜିଲ ଆପ, ଆଦର୍ଶ ଆଚରଣ ବିଧି, ଖର୍ଚ୍ଚ ବିବରଣୀ ଟିମ୍ ଆଦି ଟିମ୍‌ଗୁଡ଼ିକର କାର୍ଯ୍ୟ ପଦ୍ଧତି ସମୀକ୍ଷା କରି ଆହୁରି ତତ୍ପରତା ଦେଖାଇବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ଭୋଟର ସଚେତନତା କାର୍ଯ୍ୟକ୍ରମରେ ସନ୍ତୋଷ ବ୍ୟକ୍ତ କରିଥିଲେ। ଇଭିଏମ ମେସିନ ଗ୍ରହଣ ଓ ଦାଖଲ ବେଳେ ଆବଶ୍ୟକୀୟ କାଉଣ୍ଟର କରିବା ପାଇଁ କହିଥିଲେ। ସମ୍ଭାବ୍ୟ କାଳବୈଶାଖୀକୁ ନଜର ରଖି ଟେଣ୍ଟ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ଥିବା ଶିଳ୍ପ ସଂସ୍ଥାର ରେଗୁଲାର ଓ ଠିକା କର୍ମଚାରୀଙ୍କୁ ଭୋଟ ଦେବା ଲାଗି ଯେପରି ଛୁଟି ମିଳେ, ଆଇନଶୃଙ୍ଖଳା ପରିସ୍ଥିତି ବିଷୟରେ ସମୀକ୍ଷା କରି ମୁଖ୍ୟ ନିର୍ବାଚନ ଅଧିକାରୀ 'ଶୂନ୍ୟ ସହନଶୀଳତା' ନୀତି ଆପଣାଇବା, ଆଦର୍ଶ ଆଚରଣ ବିଧିର ପାଳନ ଦିଗରେ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଅବକାରୀ, ଜିଏସଟି, ପରିବହନ ଓ ଜଙ୍ଗଲ ବିଭାଗ ସମନ୍ୱିତ ଭାବରେ କାର୍ଯ୍ୟ କରିବା, ସମ୍ବେଦନଶୀଳ ବୁଥରେ ସୁରକ୍ଷା କର୍ମୀ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଖି ବୁଥ୍‌ରେ ମହିଳା ପୋଲିଂ ଏଜେଣ୍ଟ ଦବାକୁ ରାଜନୈତିକ ଦଳମାନଙ୍କୁ ଅନୁରୋଧ କରିଥିଲେ। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଏନ. ତିରୁମାଲା ନାୟକ, କେନ୍ଦୁଝର ଜିଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଆଇଏଏସ ପ୍ରୋବେସନର ଅତିରିକ୍ତ ଜିଲାପାଳ ଲଳିତ ସୋରେଙ୍ଗ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମୁଖ୍ୟ ନିର୍ବାଚନ ଅଧିକାରୀ କେନ୍ଦୁଝର ମାଇନିଂ କଲେଜଠାରେ ତେଲକୋଇ(ଏସଟି) ଏବଂ କେନ୍ଦୁଝର(ଏସଟି) ବିଧାନସଭା ନିର୍ବାଚନ ମଣ୍ଡଳୀର ଷ୍ଟ୍ରଙ୍ଗରୁମ ବୁଲି ଦେଖିବା ସହ ଇଭିଏମ କମିଶନିଂର ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।

## ୧ ନଂ. ଜୋନ୍‌ରେ ବିଜେଡିର ପ୍ରଚାର

ହାଟଡ଼ିହୀ,୧୬।୫(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ବିଜେଡି ଗୁରୁବାର ୧ ନଂ. ଜୋନ୍‌ରେ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛି। ଗହଳମୁଣ୍ଡାଠାରୁ ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ସମର୍ଥକଙ୍କ ସହ ବାହାରି ଗହଳମୁଣ୍ଡା, ଅଲ୍ଲୀପଶା, ଜଞ୍ଜାଳୀ, ପଣସଡ଼ିହା, ମନୋହରପୁର, ଗୋ ଭୋଗପୁର, କୋଡ଼ପଡା ପ୍ରଭୃତି ଅଞ୍ଚଳରେ ଏକ ବାଇକ ରାଲି ସହ ଘରକୁ ଘର ବୁଲି ନିର୍ବାଚନୀ ପ୍ରଚାର କରିଥିଲେ। ବିଭିନ୍ନ ସ୍ଥାନରେ ମହିଳା ମାନେ ଅଭିମନ୍ୟୁଙ୍କୁ ବନ୍ଦାପନା କରି ସ୍ୱାଗତ କରିଥିଲେ। ଓଡ଼ିଶାରେ ବିଜେଡି ସରକାରର ବିକାଶ ଏବଂ ବିଭିନ୍ନ ଜନକଲ୍ୟାଣ ସ୍ଲୋଗାନ ଦେଇ ଡବଲ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅଭିମନ୍ୟୁ ଏବଂ ସମର୍ଥକମାନେ ନିବେଦନ କରିଥିଲେ। ଚୁନି ରଣା, ରାମଚନ୍ଦ୍ର ରଣା, ସୁନାରାମ ପୂର୍ତ୍ତି, ସେନ ମହାନ୍ତ, ଚକ୍ରଧର ମହାନ୍ତ, ଗିରିଧାରୀ ମହାନ୍ତ, କ୍ଷୀରୋଦ ମହାନ୍ତ, ଜୟନ୍ତ ଭୋଇ, ବାବୁଲାଲ ମହାନ୍ତ, ରାଜା ଦଳେଇ, ପିତାମ୍ବର ମାଝୀ, ଜଗନ ମାଝୀ, ରୋହନ ମହାନ୍ତ, ଉମାକାନ୍ତ ମହାନ୍ତ, ସନ୍ତୋଷ ମହାନ୍ତ, ଶୁକଦେବ ମହାନ୍ତ, ଅନନ୍ତ ମହାନ୍ତ, ଶରତ ମହାନ୍ତ, ବାପି ରାମ, ବିମ୍ବାଧର ବିଶ୍ୱାଳଙ୍କ ସମେତ ଯୁବ ଗୋଷ୍ଠୀ ଏବଂ ବରିଷ୍ଠ କର୍ମୀ ପ୍ରଚାରରେ ସାମିଲ ହୋଇଥିଲେ।



ରୋଡ୍ ଶୋରେ ସାମିଲ ହୋଇଥିବା ବିଜେଡି କର୍ମକର୍ତ୍ତା।

## କେନ୍ଦୁଝରକୁ ଶ୍ରେଷ୍ଠ ରାଜ୍ୟ ପୁରସ୍କାର

କେନ୍ଦୁଝର,୧୬।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

### ଭାରତ ସ୍କାଉଟ୍ସ ଓ ଗାଇଡ୍‌ର ରାଜ୍ୟ ପୁରସ୍କାର ଉତ୍ସବ

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ପୁରସ୍କାର ଉତ୍ସବ ମଙ୍ଗଳବାର ରାଜଭବନ ନୂଆ ଅଭିଷେକ ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ମୁଖ୍ୟ ଉଦ୍ଦେଶ୍ୟ ଓ ପ୍ରୟାସ ସର୍ବଦା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାହାଯ୍ୟ ମନୋଭାବ, ଦକ୍ଷତା ବୃଦ୍ଧି ସହ ନିଜ ମଧ୍ୟରେ ଆଜୀବନ ବନ୍ଧୁତା ସ୍ଥାପନାକୁ ଅଗ୍ରାଧିକାର ଦେଇଆସିଛି। କେନ୍ଦୁଝର ଜିଲାରେ ଏହି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାରୁ କେନ୍ଦୁଝରକୁ ଶ୍ରେଷ୍ଠ ରାଜ୍ୟ ପୁରସ୍କାର(କାମ୍ପୋରୀ) ସେନସନ ଓ ସର୍ଭିସଷ୍ଟାର ପ୍ରମାଣପତ୍ର ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରିଣୀ ଗୌରିରାଣୀ ନାଏକ, ଜିଲା ଶାରିରୀକ ଶିକ୍ଷା ଅଧିକାରୀ ଫକିର ମୋହନ ମହାନ୍ତ ଏହି ଟ୍ରଫି ରାଜ୍ୟପାଳଙ୍କଠାରୁ ଗ୍ରହଣ କରିଥିଲେ। ଜିଲାର ୬ ଉଚ୍ଚ ବିଦ୍ୟାଳୟର ୨୦ଜଣ ସ୍କାଉଟ୍ସ ଓ ୧୦ ଜଣ ଗାଇଡ, ୨ଜଣ ସ୍କାଉଟ ମାଷ୍ଟର ଓ ଜଣେ ଗାଇଡ କ୍ୟାପଟେନ ଯୋଗ ଦେଇଥିଲେ। ଉତ୍ସବରେ ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡର ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ସନ୍ତୋଷ ଶତପଥି, ରାଜ୍ୟ ଉପସଭାପତି ଡ. ମିନତୀ ବେହେରା ଏବଂ ରାଜ୍ୟ କମିଶନର ଗାଇଡ୍ ଡ. ସିପ୍ରା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟ ଦେବାକୁ ସଚେତନ କଲେ ଏନ୍‌ସିସି କ୍ୟାଡେଟ୍




କମାଣ୍ଡିଂ ଅଫିସର ଓ ଏନସିସି କ୍ୟାଡେଟ୍‌ମାନେ।

କେନ୍ଦୁଝର,୧୬।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

ମେ ୨୫ ତାରିଖରେ କେନ୍ଦୁଝର ଜିଲାରେ ଉଭୟ କେନ୍ଦୁଝର ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ସମସ୍ତ ବିଧାନସଭା ଆସନ ପାଇଁ ମତଦାନ ଗ୍ରହଣ କରାଯିବ। ଗଣତନ୍ତ୍ରର ଏହି ମହାପର୍ବରେ କିଭଳି ସବୁ ବର୍ଗର ନାଗରିକ ସାମିଲ ହେବେ, ଏହାକୁ ସଫଳ କରାଇବେ ଏ ନେଇ ଜିଲାବ୍ୟାପୀ ବିଭିନ୍ନ ପ୍ରକାରର ସଚେତନତାଧର୍ମୀ କାର୍ଯ୍ୟକ୍ରମ ଜିଲା ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନସିସି)ର ୧୪ ଓଡ଼ିଶା ବାଟାଲିୟନ କ୍ୟାଡେଟଙ୍କ ଦ୍ୱାରା ଜିଲାବ୍ୟାପୀ ନିଆରା ନିର୍ବାଚନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ସିସି ୧୪ ଓଡ଼ିଶା ବାଟାଲିୟନର କମାଣ୍ଡିଂ ଅଫିସର୍ କର୍ଣ୍ଣେଲ ଏମ୍ ଚନ୍ଦ୍ରଶେଖର ରାଓଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଧରଣୀଧର ବିଶ୍ୱବିଦ୍ୟାଳୟ, କୁଶଳେଶ୍ୱର ମହାବିଦ୍ୟାଳୟ, ରେକୁଟିଆ, ପତିତପାବନ ମହାବିଦ୍ୟାଳୟ, ସାଇଁକୁଳ, ଆଞ୍ଚଳିକ ମହାବିଦ୍ୟାଳୟ ସୋମପାଟଣା ଇତ୍ୟାଦି ଶିକ୍ଷାନୁଷ୍ଠାନର ଏନ୍‌ସିସି କ୍ୟାଡେଟମାନେ ନିଜ ନିଜ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ନିର୍ବାଚନୀ ସଚେତନା ରାଲି, ସ୍ୱତନ୍ତ୍ର ପଥପ୍ରାନ୍ତ ନାଟକ ଏବଂ ପିରାମିଡ ଇତ୍ୟାଦି ଜରିଆରେ ଭୋଟରମାନଙ୍କୁ ବହୁ ସଂଖ୍ୟାରେ ଆସି ମତଦାନ କରିବାକୁ ବାର୍ତ୍ତା ଦେଇଛନ୍ତି। ୨୫୦ରୁ ଊର୍ଦ୍ଧ୍ୱ ଏନସିସି କ୍ୟାଡେଟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ଏନସିସି ଅଫିସର ବିଜୟ ବେହେରା, ସତ୍ୟବ୍ରତ ପତି, ଜୟଦେବ ଦାସ, ସଲମା କିସ୍କୁ, ଧର୍ମେନ୍ଦ୍ର ସାହୁ ପ୍ରମୁଖ ବିଭିନ୍ନ କଲେଜ ୱାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୭ ପ୍ରାର୍ଥୀଙ୍କ ମଧ୍ୟରେ ୩ ଚାଷୀ, ଜୟଦେବ ଧନୀ

ହାଟଡ଼ିହୀ,୧୬।୫(ଶୁଭକାନ୍ତ ନାୟକ)

### ଆନନ୍ଦପୁର ବିଧାନସଭା କ୍ଷେତ୍ର

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ମୋଟ ୭ଜଣ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନୀ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସମସ୍ତଙ୍କ ଘର ହାଟଡ଼ିହୀ ବ୍ଲକ୍ ଅଞ୍ଚଳରେ ହୋଇଥିବା ଜଣାପଡ଼ିଛି। ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡିରୁ ଅଭିମନ୍ୟୁ ସେଠୀ, ଭାଜପାରୁ ଆଲୋକ ସେଠୀ, କଂଗ୍ରେସରୁ ପୂର୍ବତନ ବିଧାୟକ ଜୟଦେବ ଯେନା, ସ୍ୱାଧୀନରୁ ଝାନ୍ସିରାଣୀ ଦାସ ଏବଂ ବିଶ୍ୱ ପ୍ରତାପ ଯେନା, ବହୁଜନ ସମାଜ ପାର୍ଟିରୁ ଦେବେନ୍ଦ୍ର ଯେନା,ଏସ୍‌ୟୁସିଆଇରୁ ନୀଳକଣ୍ଠ ଯେନା ନିର୍ବାଚନ ଲଢୁଛନ୍ତି। ନାମାଙ୍କନ ଦାଖଲ ସମୟରେ ଦିଆଯାଇଥିବା ସତ୍ୟପାଠ ଅନୁସାରେ ୭ ଜଣଙ୍କ ମଧ୍ୟରୁ ୩ ଜଣ ଚାଷୀ ନିର୍ବାଚନ ଲଢୁଛନ୍ତି। ୩ ଚାଷୀଙ୍କ ମଧ୍ୟରୁ କଂଗ୍ରେସ ପ୍ରାର୍ଥୀ ବିଧାୟକ ଜୟଦେବ ଯେନା କୋଟିପତି। ବହୁଜନ ସମାଜପାର୍ଟି ପ୍ରାର୍ଥୀ ଦେବେନ୍ଦ୍ର ଯେନା, ଏସୟୁସିଆଇ ପ୍ରାର୍ଥୀ ନୀଳକଣ୍ଠ ଯେନା ପେସାରେ ଚାଷୀ ଅଟନ୍ତି। ଦେବେନ୍ଦ୍ର ଦଶମ ଏବଂ ନୀଳକଣ୍ଠ ନବମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ଜୟଦେବ ଯେନା ଜଣେ ମାଛ ଚାଷୀ ଅଟନ୍ତି। ଏଥିସହ ପୂର୍ବତନ ବିଧାୟକ ଭାବେ ଭତ୍ତା ପାଉଛନ୍ତି। ଏଥିସହ ସେ ସମସ୍ତ ପ୍ରାର୍ଥୀଙ୍କ ମଧ୍ୟରେ ଧନୀ ଅଟନ୍ତି। ତାଙ୍କ ସମ୍ପତ୍ତିର ମୂଲ୍ୟ ୫ କୋଟି ୫୦ ଲକ୍ଷ ୧୫ ହଜାର ୮୩୩ ଟଙ୍କା। ଏତଦ୍ ବ୍ୟତୀତ ତାଙ୍କର ଏକ ରାଜଦୂତ ମୋଟର ସାଇକେଲ ଥିବା ବେଳେ ଅନ୍ୟ କୌଣସି ଗାଡ଼ି ନାହିଁ। ଗୋଟିଏ ଅପରାଧିକ ମାମଲା ମଧ୍ୟ ତାଙ୍କ ନାମରେ ରହିଛି। ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ଏବଂ ତାଙ୍କ ସ୍ତ୍ରୀ ଉଭୟଙ୍କ ସମ୍ପତ୍ତିର ମୂଲ୍ୟ ୮୮ ଲକ୍ଷ ୩୯ ହଜାର ୮୭୦ ଟଙ୍କା। ଅଭିମନ୍ୟୁଙ୍କ ନାମରେ ଏକ ବାଇକ ଏବଂ ଏକ ବୋଲେରୋ ଗାଡ଼ି ରହିଛି। ଭାଜପା ପ୍ରାର୍ଥୀ ଆଲୋକ ସେଠୀଙ୍କ ନାମରେ ମଧ୍ୟ ଗୋଟିଏ ମହିନ୍ଦ୍ରା ଟିୟୁଭି ଗାଡି ରହିଛି। ସେ ଏକ ଘରୋଇ ସଂସ୍ଥାରେ ଚାକିରି କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଝାନ୍ସିରାଣୀ ଜଣେ ଆଇନ୍‌ଜୀବୀ ହୋଇଥିବା ବେଳେ ତାଙ୍କର ଏକ ଟାଟା ଏସିଇ ଗାଡ଼ି ରହିଛି। ଅନ୍ୟ ଜଣେ ସ୍ୱାଧୀନ ପ୍ରାର୍ଥୀ ବିଶ୍ୱ ପ୍ରତାପ ପରିବହନ ବ୍ୟବସାୟୀ ହୋଇଥିବା ବେଳେ ତାଙ୍କ ନାମରେ ଏକ ଚାରି ଚକିଆ ଗାଡ଼ି ରହିଛି। ତେବେ ସମସ୍ତଙ୍କ ମଧ୍ୟରୁ କଂଗ୍ରେସ ପ୍ରାର୍ଥୀ ଜୟଦେବ ସମ୍ପତ୍ତିରେ ଆଗରେ ରହିଛନ୍ତି।

## ରାଶନ କାର୍ଡରୁ ନା କାଟିଦେଲେ

ଆନନ୍ଦପୁର,୧୬।୫(ସୁଶାନ୍ତ କୁମାର ସାହୁ)

### ଅଭିଯୋଗ କଲେ ଶୁଣୁନାହାନ୍ତି



କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ କାଠକଟା ପଞ୍ଚାୟତ ହାଟ ସାହିର ଗୋପୀ ହୋ (୧୬)ଙ୍କ ରାଶନ କାର୍ଡରୁ ନାମ କଟିଯାଇଛି। ଫଳରେ ସେ ରାଶନ ସାମଗ୍ରୀରୁ ବଞ୍ଚିତ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କଲେ ବି କୌଣସି ସୁଫଳ ମିଳୁନାହିଁ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଗୋପୀଙ୍କ ନାମ ତାଙ୍କ ବାପା ବିଶୁ ହୋଙ୍କ ରାଶନ କାର୍ଡରେ ରହିଥିଲା। ରାଶନ ସାମଗ୍ରୀ ମଧ୍ୟ ମିଳୁଥିଲା। କରୋନା ପରେ ଗୋପୀଙ୍କ ନାମଟି କୌଣସି କାରଣରୁ କଟିଯିବାରୁ ରାଶନ ପାଇବାରୁ ବଞ୍ଚିତ ହୋଇଥିଲେ। ପରିବାର ଲୋକେ କାରଣ ଜାଣିବାକୁ ବ୍ଲକ୍‌କୁ ବାରମ୍ବାର ଦୌଡୁଛନ୍ତି। ୩ ବର୍ଷ ବିତି ଯାଇଥିଲେ ସୁଦ୍ଧା ରାଶନ କାର୍ଡରେ ନାମ ସଂଯୋଗ ହୋଇପାରୁନି। ଏଥିପ୍ରତି ଉପରିସ୍ଥ ଅଧିକାରୀ ନଜର ଦେବାକୁ ଦାବି ହେଉଛି। ଖାଦ୍ୟ ସୁରକ୍ଷା ଅଧିକାରୀ ବନମାଳୀ ନାହକ ଫୋନ ଉଠାଇ ନ ଥିବା ବେଳେ ରାଶନ କାର୍ଡ ଦାୟିତ୍ୱରେ ଥିବା ବାଇଧର ଜେନା କହିଛନ୍ତି, ଅଭିଯୋଗକାରୀ ଆସିଲେ, କ'ଣ ହୋଇପାରିବ ସଙ୍ଗେ ସଙ୍ଗେ କରିଦେବୁ ବୋଲି କହିଥିଲେ।

# ଜବତ ହେଲାଣି ୩୦ ଲକ୍ଷରୁ ଊର୍ଦ୍ଧ୍ୱ

ଚମ୍ପୁଆ/ଯୋଡ଼ା/ବଡ଼ବିଲ(ମହେଶ୍ୱର ଦାସ/ମାନସ ମହାନ୍ତି/ଦେବପ୍ରିୟ ରଣା) ୧୬।୫

### ଚମ୍ପୁଆ ନିର୍ବାଚନମଣ୍ଡଳୀ



କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ନିର୍ବାଚନକୁ ଅବାଧ କରିବା ଲକ୍ଷ୍ୟ ନେଇ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକୁ କଡାକଡି ପାଳନ କରାଯାଇଛି। ଫ୍ଲାଇଂସ୍କ୍ୱାଡ, ସର୍ଭେଲାନ୍ସ ଟିମ ଓ ପୋଲିସ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆଜି ପର୍ଯ୍ୟନ୍ତ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିବା ଜଣାଯାଇଛି।

ମିଳିଥିବା ସୂଚନା ଅନୁସାରେ, ଗତ ବୁଧୁବାର ଦିନ ଫ୍ଲାଇଂସ୍କ୍ୱାଡ ଟିମ (୪)ପକ୍ଷରୁ ଜାମୁଦଳକ ନିକଟରୁ ୧ ଲକ୍ଷ ୯୨ ହଜାର ଟଙ୍କା, ମଙ୍ଗଳବାର ଏସ୍‌ଏସ୍‌ଟି (୨) ଦ୍ୱାରା ୮୯ ହଜାର ୫ ଶହ, ଗତ ୬ ତାରିଖରେ ଏଫ୍‌ଏସ୍‌ଟି (୨/୩)ର ମିଳିତ ଚଢ଼ାଉରେ ୬ ଲକ୍ଷ ୧୧ ହଜାର ୩୬୦ ଟଙ୍କା ଗତ ୩ ତାରିଖରେ ବଡବିଲ ପୋଲିସ ଓ ଏସ୍‌ଏସ୍‌ଟି (୨) ଦ୍ୱାରା ୨୦ ଲକ୍ଷ, ଏପ୍ରିଲ ୨୬ ତାରିଖରେ ଏଫଏସଟି (୩) ଦ୍ୱାରା ୧ ଲକ୍ଷ ୪୦ ହଜାର ଟଙ୍କା ଜବତ କରାଯାଇଛି। ପ୍ରକାଶ ଯେ, ଜିଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଓ ଚମ୍ପୁଆ ଉପ ଜିଲାପାଳ ତଥା ରିଟର୍ନିଂ ଅଫିସର ସୁକାନ୍ତ ମାଝିଙ୍କ ତତ୍ତ୍ୱାବଧାନରେ ବର୍ତ୍ତମାନ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ୭ ଗୋଟି ଫ୍ଲାଇଂସ୍କ୍ୱାଡ ଦଳ, ୭ ସର୍ଭେଲାନ୍ସ ଟିମ ଓ ୧ ଟିଏ ଭିଡିଓ ସର୍ଭେଲାନ୍ସ ଟିମ୍ କାର୍ଯ୍ୟ କରୁଛନ୍ତି।

## ରୋଡ୍ ଶୋ କରି ଜଗନ୍ନାଥ, ଧନୁର୍ଜୟଙ୍କ ଭୋଟ ଭିକ୍ଷା

ପାଟଣା,୧୬।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ଚମ୍ପୁଆ ବ୍ଲକ୍ ଜଜପଶି, ଝୁମ୍ପୁରା ବ୍ଲକ୍ ଉଖୁଣ୍ଡାରେ ଗୁରୁବାର ବିଜେଡି ପକ୍ଷରୁ ବାଇକ ରାଲି ହୋଇଛି। ପାଟଣା ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ଓ କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ ଶୋଭାଯାତ୍ରାରେ ପାଟଣା ବ୍ଲକ୍ ପରିକ୍ରମା କରି ଭୋଟରଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ଅବସରରେ ଡୁମୁରିଆ ପଞ୍ଚାୟତଠାରେ ପୂର୍ବତନ ପାଟଣା ନିର୍ବାଚନ ମଣ୍ଡଳୀ ବହୁଜନ ମୁକ୍ତି ପାର୍ଟିର ବିଧାୟକ ପ୍ରାର୍ଥୀ ପିତବାସ ବିରୁଆ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ। ଉଭୟ ବିଜେଡି ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀ ତାଙ୍କୁ ଦଳୀୟ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ତାଙ୍କ ସହ ପାଟଣା ନିର୍ବାଚନ ମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ଡା. ହରିଶ ଚୌଧୁରୀ, ନିର୍ବାଚନ ମଣ୍ଡଳୀ ସଂଯୋଜକ କାନନ ବିହାରୀ ପୋହୀ, ପାଟଣା ବ୍ଲକ୍ ଅଧକ୍ଷା ସୁକାନ୍ତୀ ନାଏକ, ସାହାରପଡ଼ା ବ୍ଲକ୍ ଅଧକ୍ଷା ରିନା ନାୟକ, ପୂର୍ବତନ ପାଟଣା ବିଧାୟକ ପ୍ରାର୍ଥୀ ସତ୍ୟବ୍ରତ ନାଏକ, ଭବାନୀ ଶଙ୍କର ନାୟକ, ଗୌରହରି ନାଏକ, ବିଜେଡି ପୂର୍ବତନ ରାଜ୍ୟ ସମ୍ପାଦକ ତଥା ଆଇନଜୀବୀ ଆଶିଷ, ପାଟଣା ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ଦୀପକ ରାଜ, ସାହାରପଡ଼ା ବ୍ଲକ୍ ପର୍ଯ୍ୟବେକ୍ଷକ ପ୍ରଶାନ୍ତ ଭଞ୍ଜ, ସାହାରପଡ଼ା ବ୍ଲକ୍ ବିଜେଡି ସଭାପତି ଦିଲ୍ଲୀପ ସାହୁ, ବରିଷ୍ଠ ନେତା ମିତ୍ରଭାନୁ ନାହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ୫୬ଟିପଞ୍ଚାୟତର ୫ ହଜାରରୁ ଊର୍ଦ୍ଧ୍ୱବିଜେଡି ନେତା ଓ କର୍ମୀ ସାମିଲ ହୋଇଥିଲେ।



କେନ୍ଦୁଝର ବିଜେଡି ଏମ୍‌ପି ପ୍ରାର୍ଥୀ, ପାଟଣା ବିଧାୟକ ପ୍ରାର୍ଥୀ ଓ କର୍ମକର୍ତ୍ତା।

# ୪୦ ସଂସ୍ଥାକୁ ଅଗ୍ନିଶମ ବିଭାଗର ନୋଟିସ

କେନ୍ଦୁଝର,୧୬।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

### ବିନା ଅଗ୍ନିଶମ ସୁରକ୍ଷାରେ ଚାଲିଛି ବ୍ୟବସାୟିକ ପ୍ରତିଷ୍ଠାନ

କେନ୍ଦୁଝର ଜିଲା ଘଷିପୁରାରେ ଥିବା ଏକ ଘରୋଇ ମଲରେ ମେ ୫ ତାରିଖରେ ସଟ୍ ସର୍କିଟ ଯୋଗୁ ନିଆଁ ଲାଗି ବହୁ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ବିନା ଅଗ୍ନିଶମ ସୁରକ୍ଷାରେ ମଲ ଚାଲିଥିବାରୁ ଏତେ ବଡ ଅଗ୍ନିକାଣ୍ଡ ଘଟିଲା ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ପରେ ଅଗ୍ନିଶମ ବିଭାଗ କେନ୍ଦୁଝରର ୪୦ଟି ବ୍ୟବସାୟିକ ସଂସ୍ଥାକୁ ନୋଟିସ୍ କରିଛି। ଫାୟାର ସେଫ୍ଟି ରୁଲ-୨୦୧୭ ଉଲ୍ଲଙ୍ଘନ ହୋଇଥିବାରୁ ଏହି ନୋଟିସ କରାଯାଇଛି। ବିଶେଷ କରି ହସ୍ପିଟାଲ, ମଲ, ଶିକ୍ଷାନୁଷ୍ଠାନ, ଅଫିସ, ଶିଳ୍ପାନୁଷ୍ଠାନ ଲୋକଙ୍କ ସୁରକ୍ଷା ପ୍ରତି ଅଣଦେଖା କରି ଚାଲିଥିବାରୁ ନୋଟିସ୍ କରାଯାଇଛି ବୋଲି ଆସିଷ୍ଟାଣ୍ଟ ଫାୟାର ଅଫିସର ପ୍ରଭାତ କୁମାର ରାଉତ କହିଛନ୍ତି।

ପ୍ରକାଶ ଯେ, ଦୀର୍ଘ ବର୍ଷ ଧରି ଜିଲାରେ ବହୁ ମଲ, ହୋଟେଲ, ମାର୍କେଟ କମ୍ପଲେକ୍ସ, କଲ୍ୟାଣ ମଣ୍ଡପ, ଲଜ୍, ନର୍ସିଂହୋମ, ଶିକ୍ଷାନୁଷ୍ଠାନ, ଅଫିସ , ଶିଳ୍ପାନୁଷ୍ଠାନ, ସିନେମା ହଲ ଆଦିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥାଇ ଏବଂ ବିନା ସୁରକ୍ଷା ବ୍ୟବସ୍ଥାରେ ଚାଲିଆସୁଛି। ବିଶେଷ କରି କେନ୍ଦୁଝର ସହରରେ ଥିବା ଭି-ମାର୍ଟ ଭଳି ଅନେକ ମଲ ଅଗ୍ନିଶମ ବିଭାଗଠାରୁ ଏନ୍‌ଓସି ନ ପାଇ ଚାଲୁଛି। ମଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାରେ ଅସମର୍ଥ ଥିବାବେଳେ ଭବିଷ୍ୟତରେ କୌଣସି ବଡ଼ଧରଣର ଅଘଟଣକୁ ଏଡ଼ାଇ ଦିଆଯାଇ ନ ପାରେ। ଏଭଳି ଅନେକ ମଲରେ ନାମକୁ ମାତ୍ର ଫାୟାର ସେଫ୍ଟି ବ୍ୟବସ୍ଥା ରହିଥିଲେ ମଧ୍ୟ ତାହା ଠିକ୍ ଭାବେ କାମ କରୁନାହିଁ। ଅଳ୍ପ କିଛି ସ୍ଥାନରେ ଫାୟାର ଆଲାରମ୍ ଥାଇ ନଥିବା ଭଳି। ମଲକୁ ମୁଖ୍ୟ ଦ୍ୱାରରେ ଯିବା ଏବଂ ଆସିବା ପାଇଁ ପୃଥକ୍ ସିଡ଼ି ଥିବାର ନିୟମ ଥିଲେ ବି ଗୋଟିଏ ସିଡ଼ି ରହିଛି। ଏଥିସହିତ ଅନେକ ମଲରେ ପ୍ରସ୍ଥାନ କରିବା ରାସ୍ତା ତଥା ପାହାଚ ଗୁଡ଼ିକର ଦୁଇ ପାର୍ଶ୍ୱରେ ସାମଗ୍ରୀ ରଖାଯାଇଛି। ଯଦି କିଛି ଅଘଟଣ ଘଟେ ତେବେ ଗୋଟିଏ ରାସ୍ତାରେ ଲୋକ ବାହାରିବା ଅସମ୍ଭବ ହୋଇପଡ଼ିବ। ଏତଦ୍‌ବ୍ୟତୀତ ଜରୁରିକାଳୀନ ସିଡି ମଧ୍ୟ ନାହିଁ। ମଲର ଚାରିପଟ ରାସ୍ତାକୁ ୫ ମିଟର ଚଉଡ଼ା କରାଯାଇନାହିଁ। ଚାରିପାଖରେ ନୂତନ ଘର ତିଆରି କରାଯାଉଥିବାରୁ ଭବିଷ୍ୟତରେ ମଧ୍ୟ କରାଯିବାର ବ୍ୟବସ୍ଥା ସୃଷ୍ଟି କରାଯାଉନାହିଁ। ଫଳରେ ଦମକଳ ଗାଡି ବୁଲି ପାରିବ ନାହିଁ। ଜରୁରିକାଳୀନ ପରିସ୍ଥିତିରେ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କର୍ମଚାରୀଙ୍କୁ ଜଣାନାହିଁ କି ତାଲିମ ମଧ୍ୟ ଦିଆଯାଇନାହିଁ। ମଲରେ ସେଣ୍ଟ୍ରାଲ ଏସି ଗୁଡ଼ିକ ଅଟୋ ବନ୍ଦ ରଖାଯିବା ପାଇଁ ନିୟମ ରହିଛି। ନିଆଁ ଲାଗିବା କ୍ଷଣି ଏସି ବନ୍ଦ ହୋଇଯିବ। ଫଳରେ ନିଆଁ ଚାରିଆଡକୁ ସହଜରେ ଯାଇପାରିବ ନାହିଁ। ଏପରି ବ୍ୟବସ୍ଥା କରିବାରେ ସମସ୍ତ ମଲ ସମେତ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ସରକାରଙ୍କ ଏତେ ସବୁ ବ୍ୟବସ୍ଥା ପରେ ବି ବ୍ୟବସାୟୀମାନେ ଲୋକଙ୍କ ସୁରକ୍ଷା କମ୍ ଗୁରୁତ୍ୱ ଦେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଆସିଷ୍ଟାଣ୍ଟ ଫାୟାର ଅଫିସର କହିଛନ୍ତି, ଅଗ୍ନିଶମ ନିୟମ ପାଳନ କରୁ ନ ଥିବା ସଂସ୍ଥା ବିରୋଧରେ ଏକ ସ୍କାର୍ଡ ଗଠନ ହୋଇ ଯାଞ୍ଚ କରାଯାଉଛି। ଆଇନ ଉଲ୍ଲଙ୍ଘନକାରୀଙ୍କୁ ନୋଟିସ ଦିଆଯାଉଛି। ବିଭାଗର ପରାମର୍ଶ ଅନୁସାରେ ପଦକ୍ଷେପ ଗ୍ରହଣ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି। ଭି-ମାର୍ଟର ପରିଚାଳକ ବିଶ୍ୱଜିତ ଦାସ କହିଛନ୍ତି, ସୁରକ୍ଷା ପ୍ରମାଣ ପତ୍ର ଆବେଦନ କରାଯାଇଛି। ମଲ ଭଡ଼ା ଘରେ ଚାଲୁଛି। ଘର ମାଲିକ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରୁନାହିଁ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ବିଜେଡିର ପ୍ରସ୍ତୁତି

ହାଟଡିହୀ,୧୬।୫(ଶୁଭକାନ୍ତ ନାୟକ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୯ ତାରିଖରେ କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରର ହାଟଡ଼ିହୀ ବ୍ଲକ୍ ଛେନାପଦୀଠାରେ ନିର୍ବାଚନୀ ବୈଠକରେ ଯୋଗଦେବେ। ବୁଧବାର ବିଜେଡିର ବରିଷ୍ଠ କର୍ମୀ ଓ ଯୁବ ଗୋଷ୍ଠୀଙ୍କ ଏକ ପ୍ରସ୍ତୁତି ବୈଠକ ଘସିପୁରା ବିଧାୟକ ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଲୋକସଭା ଏମ୍‌ପି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ଆନନ୍ଦପୁର ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିବାକୁ ଖସଡ଼ା ପ୍ରସ୍ତୁତ କରିଥିଲେ। ବୈଠକରେ ଦେବପ୍ରିୟ ପାତ୍ର, ବୈଦ୍ୟନାଥ ସାମଲ, ରବୀନ୍ଦ୍ର ନାୟକ, ସୋମନାଥ ଦାସ, ଅମରେନ୍ଦ୍ର ଧଳ, ବିକ୍ରମ ବିଶ୍ୱାଳ, ଶଶାଙ୍କ ଶେଖର ପୁହାଣ, କୌଶଲ୍ୟା ସେଠୀ, ଧବଳେଶ୍ୱର ପଟ୍ଟନାୟକ, ଚିନ୍ମୟ ନାୟକ, ବାପି ରାମ ପ୍ରମୁଖ ଉପସ୍ଥିତ ଥିଲେ।

